ମୂଲ୍ୟ:₹ ୧/-

ଧରିତ୍ରୀ

DHARITRI

# ସାହିତ୍ୟାଞ୍ଚଳ

ଜୁନ୍ ୨୬-ଜୁଲାଇ ୯, ୨୦୧୯

**ସ୍ମରଣୀୟ** : କାଳିନ୍ଦୀଚରଣ ପାଣିଗ୍ରାହୀ

**ପ୍ରଦକ୍ଷିଣ** : ଗିରୀଶ କର୍ନାଡ଼

**ପ୍ରଥମ ବହି** : ପ୍ରବୀଣ କୁମାର କବି

**ପହିଲି ପୁଲକ** : କୃଷ୍ଣା ମିଶ୍ର



# ଇନ୍ଦ୍ରଧନୁ

ସେତେବେଳେ ମୁଁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନର ଛାତ୍ର। ବୟସ ଛୁଇଁଥାଏ କୋଡ଼ିଏ। ଯୋଉ ବୟସ ପାଠ ପଢ଼ିବାର ବୟସ, ସ୍ୱପ୍ନ ଗଢ଼ିବାର ବୟସ, ସମ୍ପର୍କ ଯୋଡ଼ିବାର ବୟସ, ସେ ବୟସରେ ହିଁ ମୁଁ ସଚେତନ ଭାବରେ କଲମର ହାତ ଧରିଥିଲି। ଆପଣ ବିଶ୍ୱାସ କରିବେ କି ନା ମୁଁ ଜାଣେନା, ଯୋଉ ବୟସରେ ପ୍ରେମିକମାନେ ପ୍ରେମିକାର ଓଢ଼ଣାତଳେ ପ୍ରେମରେ ଉବୁଟୁବୁ ଜହ୍ନକୁ ଭେଟନ୍ତି, ସେ ବୟସରେ ମୁଁ ଭେଟୁଥିଲି କୋହଭରା ଅଶାନ୍ତ ସମୁଦ୍ରକୁ, ବିଶ୍ୱାସର ମଲା ଶାମୁକାଗୁଡ଼ିକୁ ଆଉ ଅନେକ ଅସହାୟ ଜୀବନକୁ।




ପ୍ରବୀଣ କୁମାର କବି

ସତ କହିବାକୁ ଗଲେ ଲୁଚିଲୁଚି ପ୍ରେମଚିଠି ଲେଖିବାର ବୟସରେ ଯେ ମୋ' ଜୀବନର ପ୍ରଥମ ବହି ପ୍ରକାଶିତ ହେବ, ଏହା ଥିଲା ମୋର ବିଶ୍ୱାସ ବାହାରେ। ଗପ ଲେଖିବା ଦଶମରୁ ଆରମ୍ଭ ହୋଇଥିଲେ ବି ସଚେତନ ଭାବରେ ଲେଖିବା ଆରମ୍ଭ କଲି ସ୍ନାତକ ପଢ଼ିବା ସମୟରେ। ସେତେବେଳେ ଗପ ଲେଖିବା ଭୂତଟା ମୁଣ୍ଡରେ ଏତେ ସବାର ଥିଲାଯେ ସେମିଷ୍ଟର୍ ପଢ଼ାକୁ ପଛରେ ପକାଇ ଲେଖୁଥାଏ। ନିଚ୍ଛକ ଓ ଜୀବନ୍ତ ଭାବରେ ବନ୍ଧୁମାନଙ୍କର ପ୍ରେମ କାହାଣୀକୁ କାଗଜରେ ଉତାରି ପାରୁଥିଲି ବୋଲି କେତେବେଳେ ତାଳି ତ କେତେବେଳେ ଗାଳି ଖାଇବାକୁ ପଡ଼ିଛି। କଥା ଅଧ୍ୟକ୍ଷଙ୍କ ପର୍ଯ୍ୟନ୍ତ ବି ଯାଇଛି। ୨୦୧୨ ଶେଷ ସୁଦ୍ଧା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗଳ୍ପ ଏବଂ ଅଳ୍ପ କିଛି କବିତା ଲେଖିସାରିଥିଲି, ଯାହା ଭିତରୁ ସାତ ଆଠଟି ଗପ ଖବରକାଗଜରେ ଏବଂ କୋଡ଼ିଏରୁ ଊର୍ଦ୍ଧ୍ୱ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇ ତରୁଣ ପାଠିକାପାଠକଙ୍କ ହୃଦୟକୁ ଛୁଇଁପାରିଥିଲା। ଥରେ କୋଉ ଏକ ପତ୍ରିକାରେ ମୋର ଗଳ୍ପଟିଏ ପଢ଼ି ପ୍ରକାଶକ ରମେଶ ବେହେରା ମତେ ଫୋନ୍ ଯୋଗେ ବଧେଇ ଜଣାଇଲେ ଏବଂ କହିଲେଯେ ସେ କସ୍‌ମୋପୋଲିଟାନ୍ ପବ୍ଲିକେଶନ୍ ନାମକ ଗୋଟିଏ ପ୍ରକାଶନୀ ସଂସ୍ଥା ଆରମ୍ଭ କରିଛନ୍ତି। ଆଉ ସେଥିରେ ପୁରୁଣା ସହିତ କିଛି ଯୁବ ଲେଖକଙ୍କ ବହି ମଧ୍ୟ ପ୍ରକାଶ କରିବାକୁ ଭାବିଛନ୍ତି। ଶେଷରେ ସେ ମତେ ମୋର କିଛି ଅପ୍ରକାଶିତ ଲେଖା ପଠାଇବାକୁ କହିଲେ। ମୁଁ 'ହଁ' ଭରିଲି। ସେଦିନ ରାତିରେ ମତେ ଆଉ ନିଦ ନ ଥାଏ। କୋଉ ଲେଖା ଦେବି କିଛି ସ୍ଥିର କରି ପାରୁ ନ ଥାଏ। ରମେଶ ଭାଇ ସେତେବେଳେ ଭଦ୍ରକରେ ରହୁଥା'ନ୍ତି। ଶେଷରେ ଆଠଟି ଗଳ୍ପର ପାଣ୍ଡୁଲିପି ତାଙ୍କ ହାତରେ ଧରେଇଲି। ଗୋଟିଏ ମାସ ପରେ ସେ ଫୋନ୍ କଲେ। କହିଲେ– 'ପ୍ରବୀଣ, ଏ ଗଳ୍ପ ସବୁ ନିଜେ ଲେଖିଛ ତ ?' ମୁଁ ଟିକେ ରହିଯାଇ 'ହଁ' ଭରିଲି। ତା'ପରେ ସେ ଭାବବିହ୍ୱଳ ହୋଇ କହିଲେ– 'ଓଡ଼ିଆ ସାହିତ୍ୟ ତୁମଠୁଁ ଅନେକ କିଛି ଆଶାକରେ ପ୍ରବୀଣ, ତାକୁ କେବେ ନିରାଶ କରିବନି।' ଆଉ ମଧ୍ୟ କହିଲେ– ମୁଁ ତୁମର ଗୋଟେ ବହି କରିବି, କିନ୍ତୁ ମାତ୍ର ଚାରିଟି ଲେଖାକୁ ନେଇ। କାଗଜ ଓ କଭର୍ ପେଜ୍ ଶସ୍ତା ରହିବ। ଚଳିବ ତ! ସତ କହିବାକୁ ଗଲେ ସେତେବେଳେ କାଗଜ ବା କଭର ସମ୍ପର୍କରେ ମୋର କିଛି ଧାରଣା ନ ଥାଏ। ମୁଁ ଉତ୍ସାହିତ ହୋଇ ତାଙ୍କ କଥାରେ ରାଜି ହେଲି। ସେଯାଏ ମୁଁ ବହି ଛାପିବା କଥା ମା' ଆଉ କବିବନ୍ଧୁ ସିଦ୍ଧାର୍ଥକୁ ଛାଡ଼ିଦେଲେ କାହାକୁ ଜଣାଇ ନ ଥାଏ। ଦୁଇମାସ ଚାଲିଗଲା। ଏହା ଭିତରେ ମାତ୍ର ଥରେ ରମେଶ ଭାଇ ମତେ ବହିର ନାଁ କ'ଣ ଦେବ ବୋଲି ପଚାରିଥିଲେ ଏବଂ ମୁଁ ଏ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲି। ଦିନେ ହଠାତ୍ ରମେଶ




ଭାଇ ଫୋନ୍ କଲେ ଏବଂ ଦେବୀ ପୁସ୍ତକାଳୟ ଯାଇ ତାଙ୍କ ନାଁ କହି ଖଣ୍ଡେ ବହି ଆଣିବାକୁ କହିଲେ। ସେଯାଏ ମତେ କିଛି ଜଣା ନ ଥାଏ। ମୁଁ ସାଇକେଲ୍ ଧରି ଯାଇ ପହଞ୍ଚିଲି ପୁସ୍ତକାଳୟରେ ଏବଂ ସତକୁସତ ଦୋକାନୀ ମତେ ଧରେଇଦେଲା ଗୋଟେ ବହି। ବହିଟି ଦେଖି ମୁଁ ମୋ' କୋହ ସମ୍ଭାଳି ପାରି ନ ଥିଲି ସେଦିନ। ବହିଟିର ନାଁ ଥିଲା 'ଇନ୍ଦ୍ରଧନୁ', ମୂଲ୍ୟ ଥିଲା ପଚାଶ ଟଙ୍କା। ବହିଟି କାଢ଼ି ତନ୍ନତନ୍ନ କରି ଦେଖିଲି। ମତେ ଲାଗିଲା, ଯେମିତି ସେ ବହି ଭିତରେ ମୁଁ ଠିକ୍ ମୋ'ପରି ଆଉ ଜଣକୁ ଦେଖୁଛି ଓ ଅନୁଭବ କରୁଛି।




ତା'ପରଦିନ କଲେଜରେ କ୍ଲାସ୍ ସରିଲା ପରେ ମୋର ଜଣେ ବନ୍ଧୁ ସଞ୍ଜୀବ ହାତରେ ମୋ' ଗପ ବହିଟି ଧରି ଆସି ପହଞ୍ଚିଲା ଏବଂ ମତେ ଅଟୋଗ୍ରାଫ୍ ମାଗିଲା। ପ୍ରଥମ ବହିରେ ପ୍ରଥମ ଅଟୋଗ୍ରାଫ୍ ଦେବାର ଆନନ୍ଦ କ'ଣ ମୁଁ ସେଦିନ ଅନୁଭବ କଲି। ତା'ପରେ ଦିନ କେଇଟାରେ ସେ ବହିଟି ଭଦ୍ରକରେ ଆଶାତୀତ ବିକ୍ରି ହେବାର ଶୁଣିବାକୁ ପାଇଲି। ସେ ଗପ ବହିର ସବୁଠୁଁ ବଡ଼ ଆକର୍ଷଣ ଥିଲା ବହିର ପଛପଟେ ଥିବା ମୋର +୨ ବେଳର ଫଟୋ ଆଉ ବହିରେ ଥିବା ଗଳ୍ପ 'ଶେଷଚିଠି', ଯାହା ମୁଖ୍ୟତଃ ତରୁଣ ପାଠିକାପାଠକମାନଙ୍କୁ ବେଶ୍ ଛୁଇଁବ। ଗଳ୍ପଟି କିଛି ବନ୍ଧୁଙ୍କୁ ଏତେ ଜୀବନ୍ତ ଲାଗିଥିଲାଯେ, କିଛି ପିଲା ମତେ କଲେଜରେ 'ଆକାଶ' ବୋଲି ଡାକିବାକୁ ଆରମ୍ଭ କରିଦେଇଥିଲେ। କାରଣ ସେ ଗପରେ ନାୟକର ନାଁ ଥିଲା ଆକାଶ। ମୁଁ ଏବେ ଆଉ ଆଗ ଭଳି ଗଳ୍ପମନସ୍କ ନ ହୋଇ ବେଶୀ କବିତାମନସ୍କ ହେଇଛି ସତ, ହେଲେ ମୋ' ସାହିତ୍ୟ ଜୀବନର ସେ ପ୍ରଥମ ଗଳ୍ପ କେତୋଟି ଆଉ ସେ ଗପବହି ଆଜି ମଧ୍ୟ ପାଠିକାପାଠକଙ୍କ ପାଖେ ମୋର ପରିଚୟ ହୋଇ ରହିଛି।




# 'ଅଂଶୁଘାତ' ଗପ ପଢ଼ିଲେ ଫତୁରାନନ୍ଦ ମନେପଡ଼ନ୍ତି

**ମହାଶୟ,**

* ମେ ଶେଷସଂଖ୍ୟା ସାହିତ୍ୟାୟନ 'ପହିଲି ପୁଲକ'ରୁ ଚିନ୍ମୟୀ ପଣ୍ଡାଙ୍କ ''ମନ ଗହନରେ ଆଜି ବି ମହକୁଛି ମୋ' ପ୍ରଥମ ଲେଖାର ବାସ୍ନା'' ହେଉ ପଛେ ସେ ନାମହୀନ ତଥାପି 'ନାମନ ଜାନୁ ତେରା ଦେଶ ନ ଜାନୁ, କୈସେ ଭେଜୁଁ ସଂଦେଶ ନ ଜାନୁ' ଗୀତରେ ମହକି ଉଠେ। 'ପ୍ରଥମ ବହି' ସ୍ତମ୍ଭରେ 'କୁନା ତ୍ରିପାଠୀଙ୍କ 'ରଫ୍‌ଖାତା' ମାଧ୍ୟମରେ ପରଂବ୍ରହ୍ମ ତ୍ରିପାଠୀଙ୍କ ଅପ୍ରକାଶିତ ସତରଟି କବିତାକୁ ଲୋକଲୋଚନକୁ ଆଣିଛନ୍ତି ଶୁଭ୍ରାଂଶୁ ପଣ୍ଡା। ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତଙ୍କ 'ଅଂଶୁଘାତ' ଗପରେ ଚିତ୍ରକର ମିଷ୍ଟର ଦାଶଙ୍କୁ ପାଞ୍ଚ ହଜାର ଡଲାର ପୁରସ୍କାରରେ ପୁରସ୍କୃତ କରିବା ବେଳେ ଚିତ୍ରରେ ସ୍ଥାନ ପାଇଥିବା 'ମହିନୀ' ଆଉ ନାହିଁ। ଫତୁରାନନ୍ଦଙ୍କ 'ନାକଟା ଚିତ୍ରକର' ପରି ହୋଇଛି। ଗଳ୍ପ 'କ୍ଷୀରନନା'ରେ ରାକେଶ ପଣ୍ଡା 'ଆଲ୍ଲା ତେରୋ ନାମ, ଈଶ୍ୱର ତେରୋ ନାମ'ର ଭାଇଚାରାର ବୀଜ ବପନ କରିଛନ୍ତି। ନନ୍ଦିନୀ ଶତପଥୀଙ୍କ 'ଅଭିମାନ' ଗପରେ ପ୍ରଶାନ୍ତ ଓ ସଂଘମିତ୍ରାଙ୍କ ସୁଖୀ ସଂସାରରେ ତାଙ୍କ ଲୁଗାକାନିରେ ପୁଅ, ଝିଅ, ପତିଙ୍କ ସହ ଅନ୍ୟ ଜଣଙ୍କର ବି ମୁହଁ, ହାତ ପୋଛିବାର ଅଧିକାର 'ବିନୟ'ର ରହିଛି। ଏଣୁ ଏଠି 'ଆୱାଜ ଦେକେ ହମେ ତୁମ ବୁଲାୟେ, ମୁହବତ୍ ମେ ଇତନା ନ ହମ୍‌କୋ ସତା ୟେ'' ବାର୍ତ୍ତାକୁ ମନେ ପକାଇବାକୁ ହେବ। 'ସୃଜନ–ଆଳାପ'ରୁ ସୁବୋଧ ସରକାରଙ୍କ 'ସ୍ଲୋଗାନ୍‌ରେ ନୁହେଁ, କିନ୍ତୁ ରାଜନୈତିକ କବିତାରେ ବିଶ୍ୱାସ କରେ...' ଭଲ ହୋଇଛି। କବିତା ପୃଷ୍ଠାରେ ସତ୍ୟବତୀ ଦାସଙ୍କ ସମ୍ପୂର୍ଣ୍ଣ ବଙ୍ଗଳାଶ୍ରୀ ବୃତ୍ତରେ ଆଧାରିତ 'ରତ୍ନ ସିଂହାସନେ ବସିଛ ମଉନେ' ଗୀତି–କବିତାର ମାନ୍ୟତା ନିଏ। ପୁରୀ, ଭଦ୍ରକ, ସମ୍ବଲପୁର, ବ୍ରହ୍ମପୁର ଓ କୋଲକାତାରୁ ପ୍ରକାଶିତ ପୁସ୍ତକର ବିଷୟ 'ପୁସ୍ତକ ପରିଚୟ'ରେ ସ୍ଥାନ ପାଇଛି। ପ୍ରଥମ ପୃଷ୍ଠାରେ ସ୍ଥାନ ପାଇଥିବା ଡହଡହ ଗ୍ରୀଷ୍ମରେ ପଶୁପକ୍ଷୀଙ୍କ ଜଳପାନ ଜୀବନ୍ତ ହୋଇଛି। ଶେଷରେ 'ବିଦଗ୍ଧ ପାଠକ'ରେ ସ୍ଥାନ ପାଇଥିବା ରଞ୍ଜନ, ଅରୁଣ ଓ ସୁସ୍ମିତାଙ୍କ ମତାମତ ଚମତ୍କାର।

*– ପ୍ରତାପ ଚନ୍ଦ୍ର ପାଢ଼ୀ, ହେମଲତା ପବ୍ଲିକ୍ ସ୍କୁଲ, ଗୋବିନ୍ଦ ନଗର, ଗୋଳନ୍ଥରା, ଗଞ୍ଜାମ*

* ମେ ୨୯– ଜୁନ୍ ୧୧, ୨୦୧୯ 'ସାହିତ୍ୟାୟନ' ସଂଖ୍ୟା ପାଠକଲି। ଉକ୍ତ ସଂଖ୍ୟାର 'ସ୍ମରଣୀୟ' ପୃଷ୍ଠା ପାଠ ପରେ ମହୀୟସୀ ମହିଳା ନନ୍ଦିନୀ ଶତପଥୀଙ୍କ ସମ୍ପର୍କରେ ଅନେକ କିଛି ଜାଣିଲି। ଶତପଥୀଙ୍କ ଲେଖନୀନିଃସୃତ 'ଅଭିମାନ' ଗଳ୍ପଟି ଅତୀବ ମର୍ମସ୍ପର୍ଶୀ ତଥା ଶିକ୍ଷଣୀୟ। କବିତା ପୃଷ୍ଠାରେ କବୟିତ୍ରୀ ଜୟନ୍ତୀ ବିଶ୍ୱାଳ ବେହୁରିଆଙ୍କ 'ସହିଦର କଥା' କବିତା ବେଶ୍ ଉଚ୍ଚକୋଟୀର। 'ସୃଜନ–ଆଳାପ'ରେ ବଙ୍ଗ–ଭାରତୀୟ କବିତାର ଜଣେ ପ୍ରଖ୍ୟାତ କବି ସୁବୋଧ ସରକାରଙ୍କ ଲେଖନୀନିଃସୃତ ଏକାଧିକ ସାହିତ୍ୟକୃତି ସମ୍ପର୍କରେ ଅବଗତ ହେଲି। ଗଳ୍ପ ପୃଷ୍ଠାରେ ଗାଳ୍ପିକ ରାକେଶ ପଣ୍ଡାଙ୍କ ଦ୍ୱାରା ରଚିତ 'କ୍ଷୀରନନା' ଗଳ୍ପଟି ବେଶ୍ ଶିକ୍ଷଣୀୟ ହୋଇପାରିଛି।

*– ବିଜୁ ସାହୁ, ଖଣ୍ଡାଏତା, କଟକ–୧୧*

* ମହାବାତ୍ୟା ଫନୀର ପ୍ରଳୟଙ୍କରୀ ସଂହାର ଲୀଳାରେ ଗାଁ ଘରଟି ଧରାଶାୟୀ। ଆଖିରୁ ଉଷ୍ଣବାୟୁ ପ୍ରବାହିତ ହେଉଛି। ଏପରି ଭୟଙ୍କର ମାନସିକ ଜ୍ୱାଳା ସମୟରେ ମେ ୨୯– ଜୁନ୍ ୧୧ ତାରିଖର ଧରିତ୍ରୀ 'ସାହିତ୍ୟାୟନ' ପାଠ କରି ସ୍ରଷ୍ଟାମାନଙ୍କ ସାରସ୍ୱତ କୃତି ଉପରେ ମତାମତ ଦେବା ଦୁଃସାଧ୍ୟ ବୋଲି ମନେକଲି। ତଥାପି ଭାଷା ସାହିତ୍ୟର ମର୍ଯ୍ୟାଦା ରକ୍ଷା ପାଇଁ ତନ୍ମୟ ହୋଇ ସମସ୍ତ ଲେଖା ପାଠକଲି। ପ୍ରଥମରୁ କୁନା ତ୍ରିପାଠୀଙ୍କ 'ରଫ୍‌ଖାତା' କବିତା ପୁସ୍ତକ ଲାଗି କବିଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ସହସ୍ରବାର ଧନ୍ୟବାଦ। ଚିନ୍ମୟୀ ପଣ୍ଡାଙ୍କୁ ଧନ୍ୟବାଦ ତାଙ୍କର ସାରସ୍ୱତ କୃତି ଲାଗି। ବଙ୍ଗଳାର ସୁବୋଧ ସରକାରଙ୍କ ସହ ହୃଷୀକେଶ ମଲ୍ଲିକଙ୍କ ସାକ୍ଷାତ୍‌କାର ମର୍ମସ୍ପର୍ଶୀ। କବି ସ୍ଲୋଗାନ୍‌ରେ ବିଶ୍ୱାସ ନ କରି ରାଜନୈତିକ କବିତାରେ ବିଶ୍ୱାସ କରନ୍ତି। କବିଙ୍କର ଏହା ସ୍ୱତନ୍ତ୍ର ବିଚାରଧାରା। ସୁବୋଧ ସରକାରଙ୍କ ଶାଢ଼ି କବିତା ବେଦନା ବିଧୁରିତ କବିତା ଏକ ଧର୍ଷିତା ନାରୀକୁ ନେଇ। 'ଅଂଶୁଘାତ' ଏକ କାରୁଣ୍ୟଭରା ଗଳ୍ପ। ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତଙ୍କ କୃତି ଲାଗି ଅଶେଷ ଧନ୍ୟବାଦ। ଲେଖାଟି ପାଠକମାନଙ୍କ ଆଖିରେ ଅଶ୍ରୁର ବନ୍ୟା ସୃଷ୍ଟି କରିବ। ଏହାପରେ ରାକେଶ ପଣ୍ଡାଙ୍କ 'କ୍ଷୀରନନା'ଙ୍କ ଗପ ବାସ୍ତବ ଅନୁଭୂତିରେ ଲେଖା ହେଲା ଭଳି ମନେହେଉଛି। 'କ୍ଷୀରନନା' ଜଣେ ଶୁଦ୍ଧପୂତ ନିଷ୍ଠାପର ପୂଜକ ବ୍ରାହ୍ମଣ। କିନ୍ତୁ ସର୍ବଧର୍ମ ସମନ୍ୱୟବାଦୀ। ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ସବୁଠାରେ ଈଶ୍ୱର ଅଛନ୍ତି ବୋଲି ତାଙ୍କର ଦୃଢ଼ ବିଶ୍ୱାସ। ସତ୍ୟବତୀ ଦାସଙ୍କ 'ରତ୍ନସିଂହାସନେ ବସିଛ ମଉନେ' କବିତା ସବୁଠାରୁ ବେଶୀ ଭଲ ଲାଗିଲା।

*– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ*

* ଏଥର 'ସାହିତ୍ୟାୟନ' (ମେ ୨୯– ଜୁନ୍ ୧୧)ର ଗଳ୍ପ 'କ୍ଷୀରନନା' ଖୁବ୍ ଭଲ ଲାଗିଲା। କ୍ଷୀରନନାଙ୍କ ଠାକୁରଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଓ ଭକ୍ତି, ଆଉ ତାଙ୍କ ମୁହଁରୁ ଅଙ୍ଗେନିଭା କାହାଣୀ ଶୁଣି ମୁଗ୍ଧ ହେଲି। କ୍ଷୀରନନା ଗପ ପଢ଼ି ସାରିବା ପରେ ଲୋକଙ୍କ ମନରେ ତାଙ୍କ ପ୍ରତି ଥିବା ବିଶ୍ୱାସ ଓ ଭଲପାଇବା ଆହୁରି ବଢ଼ିଗଲା।

*– ସରୋଜିନୀ ପରିଡ଼ା, ଶ୍ରୀରାମପୁର, ମଙ୍ଗଳପୁର, ଯାଜପୁର*

ସାହିତ୍ୟାୟନ
ଲେଖା ପଠାଇବାର ଠିକଣା
ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# "ମୋ' କାନ ପାଖରେ କିଏ ଯେମିତି ଡାକିଦିଏ ସଂଳାପ, ମୁଁ କେବଳ ଟିପିନିଏ"

–ଗିରୀଶ କର୍ନଡ଼

**ଗିରୀଶ ରଘୁନାଥ କର୍ନଡ଼ଙ୍କ ଜନ୍ମ ୧୯୩୮ ମସିହା ମେ ୧୯ ତାରିଖରେ, ମହାରାଷ୍ଟ୍ରର ମାଥେରାନ୍‌ରେ। କନ୍ନଡ଼ ନବନାଟ୍ୟ ଆନ୍ଦୋଳନର ପ୍ରମୁଖ କାଣ୍ଡାରୀ ଏହି ଲେଖକଙ୍କର ଚର୍ଚ୍ଚିତ ନାଟ୍ୟକୃତି : 'ଯଯାତି', 'ତୁଗଲକ', 'ହୟବଦନ' ଓ 'ନାଗମଣ୍ଡଳ'। କର୍ନଡ଼ ସାହିତ୍ୟ ଯେତେବେଳେ ପାଶ୍ଚାତ୍ୟ ସାହିତ୍ୟର ଆଧିପତ୍ୟରେ ଆଚ୍ଛନ୍ନ, ସେତେବେଳେ ସେ ନିଜ ମାଟି ଓ ସଂସ୍କୃତିକୁ ନିଜ ନାଟକର ଆଧାର କରିଥିଲେ। କନ୍ନଡ଼ ତଥା ଭାରତୀୟ ନାଟ୍ୟ ସାହିତ୍ୟକୁ ବିରଳ ଅବଦାନ ପାଇଁ 'ସଙ୍ଗୀତ ନାଟକ ଏକାଡେମୀ', 'ସାହିତ୍ୟ ଏକାଡେମୀ', 'କାଳିଦାସ ସମ୍ମାନ', 'ଜ୍ଞାନପୀଠ ପୁରସ୍କାର', 'ପଦ୍ମଶ୍ରୀ' ଓ 'ପଦ୍ମଭୂଷଣ' ସମ୍ମାନରେ ସେ ସମ୍ମାନିତ। ପ୍ରଥମ ନାଟକ 'ଯଯାତି' (୧୯୬୧) ପାଇଁ ସେ ପାଇଥିଲେ 'ମହୀଶୂର ରାଜ୍ୟ ପୁରସ୍କାର' ଓ ଏହା ଥିଲା ସାହିତ୍ୟିକ ଭାବେ ତାଙ୍କର ଆଦ୍ୟ ସ୍ୱୀକୃତି। 'ସଂସ୍କାର' (ୟୁ. ଆର୍. ଅନନ୍ତମୂର୍ତ୍ତିଙ୍କ ଉପନ୍ୟାସ) ଚଳଚ୍ଚିତ୍ରର ଚିତ୍ରନାଟ୍ୟ ରଚନା ଓ ଅଭିନୟ ଥିଲା ତାଙ୍କ ସଫଳତାର ଏକ ବିଶେଷ ଅଂଶ। କନ୍ନଡ଼ ସିନେମା ବର୍ଗରେ ଏହାକୁ ମିଳିଥିଲା ପ୍ରଥମ 'ରାଷ୍ଟ୍ରପତି ସ୍ୱର୍ଣ୍ଣ କମଳ ପୁରସ୍କାର'। 'ବଂଶବୃକ୍ଷ' (୧୯୭୧), 'ଗୋଧୂଳି' (୧୯୭୭) ଓ 'ଉତ୍ସବ' (୧୯୮୪) ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଥିଲା ତାଙ୍କ ସାରସ୍ୱତ କୀର୍ତ୍ତିମାନରେ ଉଲ୍ଲେଖନୀୟ ସଂଯୋଗ। ପୁରାଣ ଓ ଲୋକକଥା ମାଧ୍ୟମରେ ଜୀବନର ଶ୍ଳେଷକୁ ମୂର୍ତ୍ତ କରିବାରେ କର୍ନଡ଼ଙ୍କ ସମକକ୍ଷ ନାଟ୍ୟକାର ଭାରତରେ କ୍ୱଚିତ୍ ସୁଲଭ। ବାଦଲ ସରକାର (ବଙ୍ଗଳା), ବିଜୟ ତେନ୍ଦୁଲକର (ମରାଠୀ), ମୋହନ ରାକେଶ (ହିନ୍ଦୀ) ଓ ମନୋରଞ୍ଜନ ଦାସ (ଓଡ଼ିଆ)ଙ୍କ ପରି ନାଟ୍ୟରଥୀଙ୍କ ମେଳରେ ସେ ଥିଲେ ଭାରତୀୟ ନାଟ୍ୟ–ଆକାଶର ସ୍ୱର୍ଦ୍ଧିତ ଚନ୍ଦ୍ରମା।**

ଗିରୀଶ କର୍ନଡ଼ ଭାରତୀୟ ସାହିତ୍ୟର ଜଣେ ଶାଳପ୍ରାଂଶୁ ବ୍ୟକ୍ତିତ୍ୱ। ନାଟ୍ୟସୃଜନ ଓ ମଞ୍ଚାୟନରେ ନିତ୍ୟ ନିବଦ୍ଧ ତାଙ୍କର ପୁରୋଦୃଷ୍ଟି ଭାରତୀୟ ନାଟକ ଓ ସିନେମାରେ ଯେ ଏକ ଯୁଗାନ୍ତର ଆଣିଥିଲା, ଏହା ନିଃସଂଶୟ। ସେ ଥିଲେ ସ୍ୱାଧୀନତା ପରବର୍ତ୍ତୀ କନ୍ନଡ଼ ଭାଷାର ସବୁଠୁଁ ଉଲ୍ଲେଖନୀୟ ନାଟ୍ୟକାର, ସଫଳ ଅନୁବାଦକ, ଚିତ୍ରନାଟ୍ୟ ଲେଖକ, 'ସିନେମା ଓ ଦୂରଦର୍ଶନ ପ୍ରତିଷ୍ଠାନ' (ପୁଣେ), ଲଣ୍ଡନ ନେହରୁ କେନ୍ଦ୍ରର ନିର୍ଦ୍ଦେଶକ, 'କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ'ର ସଭାପତି। ମଞ୍ଚ ଓ ଚଳଚ୍ଚିତ୍ର କ୍ଷେତ୍ରର ବହୁ ଗରିମାମୟ ପୁରସ୍କାର ଓ ସମ୍ମାନର ଅଧିକାରୀ। ନିକମା ସରକାରୀକଳ ଓ ପୋକଖିଆ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ଭିନ୍ନ ମତ ନେଇ ଅନବରତ ମୁହାଁମୁହିଁ ହେଉଥିବାର ଏକ ପ୍ରଚଣ୍ଡ ଉଲ୍‌କା।



(୧୯ ମେ ୧୯୩୮–୧୦ ଜୁନ୍ ୨୦୧୯)

କର୍ନଡ଼ଙ୍କର ମାତୃଭାଷା ଥିଲା କୋଙ୍କଣୀ ଓ ତାଙ୍କ ମୁହଁର ଭାଷା ଥିଲା ଇଂଲିଶ୍। ସେ ଥିଲେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର Rhodes ସ୍କଲାର ଓ ଏହି ବିଶ୍ୱବିଦ୍ୟାଳୟ ସଂଘର ନିର୍ବାଚିତ ସଭାପତି ଭାବେ ଦୁର୍ଲଭ ସମ୍ମାନର ଅଧିକାରୀ। ଅଥଚ ବିସ୍ମୟର କଥା ଯେ, କନ୍ନଡ଼ ବ୍ୟତୀତ ସେ ତାଙ୍କର ଗୋଟିଏ ବି ନାଟକ ଅନ୍ୟ କୌଣସି ଭାଷାରେ ଲେଖିନାହାନ୍ତି। ଏହାର କାରଣ ସମ୍ଭବତଃ ତାଙ୍କର ବାଲ୍ୟଶିକ୍ଷା। ମହାରାଷ୍ଟ୍ରର ମାଥେରାନ୍‌ରେ ଗିରୀଶଙ୍କର ଜନ୍ମ ଓ ଏହି ହେତୁ ତାଙ୍କ ଶୈଶବର ଭାଷା ଥିଲା ମରାଠୀ। ଯେତେବେଳେ ତାଙ୍କ ପରିବାର କର୍ନାଟକର ଧରୱାଡ୍‌କୁ ଉଠି ଆସିଲେ, ସେତେବେଳକୁ ଗିରୀଶଙ୍କୁ ବୟସ ମାତ୍ର ୧୪ ବର୍ଷ। ସୁତରାଂ ତାଙ୍କ କୈଶୋରର ଭାଷା ହେଲା କନ୍ନଡ଼। ଯେ କୌଣସି ଲେଖକଙ୍କ ଜୀବନରେ କୈଶୋର ହିଁ ଆଣେ ସୃଜନର ଉଦୟରାଗ। ତା'ଛଡ଼ା କର୍ନାଟକର ଜନଜୀବନ, ଜନସାହିତ୍ୟ, ପୁରାଣ ଓ କିମ୍ବଦନ୍ତୀକୁ ସେ ଜାଣିଲେ ଯେଉଁ ଭାଷାରେ, ତାହା ଥିଲା ଅବଧାରିତ ଭାବେ କନ୍ନଡ଼। କିଶୋର ଗିରୀଶଙ୍କ ଚେତନାରେ ନୂଆ ରଙ୍ଗ ଲଗେଇଲା ଏଇ କନ୍ନଡ଼। ସୁତରାଂ କନ୍ନଡ଼ ଭାଷା ମାଧ୍ୟମରେ ଭାରତୀୟ ନାଟ୍ୟ ସାହିତ୍ୟକୁ ସେ ବାଢ଼ିଦେଲେ ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଶବ୍ଦ–ଅର୍ଘ୍ୟ 'ଯଯାତି', 'ହୟବଦନ' ଓ 'ନାଗମଣ୍ଡଳ' ଭଳି କାଳଜୟୀ ନାଟକ। ଗିରୀଶଙ୍କର ଏହିସବୁ ନାଟକରେ ପୁରାଣ, ଲୋକସାହିତ୍ୟ ଓ 'ଯକ୍ଷଗାନ'ର ଯେଉଁ ସମୀକରଣ ଉହ୍ୟ, ତାହା ହିଁ ସବୁଠୁଁ ଗୁରୁତ୍ୱପୂର୍ଣ୍ଣ। 'ହୟବଦନ'ର ଉତ୍ସ ଯଦିଓ ଥୋମାସ୍ ମ୍ୟାନ୍‌ଙ୍କ "Transposed Heads", କିନ୍ତୁ ଭ୍ରୂଣମାତ୍ର ଏଇ ବିଦେଶୀ ଧାରଣାଟିକୁ ସେ ତାଙ୍କ 'ହୟବଦନ'ରେ ଯେପରି ଏକ ସ୍ୱଦେଶୀ ବୃକ୍ଷ କରି ଗଢ଼ି ତୋଳିଛନ୍ତି, ଭାରତୀୟ ସାହିତ୍ୟରେ ତାହା ବିରଳ। ମୁମ୍ବାଇ ଲିଟ୍‌ଫେଷ୍ଟର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଅନିଲ ଧରକର ଥରେ ତାଙ୍କୁ ପ୍ରଶ୍ନ କରିଥିଲେ– "ଆପଣ କେଉଁ ଭାଷାରେ ଚିନ୍ତା କରନ୍ତି?" ଗିରୀଶଙ୍କର ଉତ୍ତର ଥିଲା ମାତ୍ର ଗୋଟିଏ ଶବ୍ଦ– 'Depends' (ସ୍ଥିତି–ନିର୍ଭର), ଅର୍ଥାତ୍ ଚିନ୍ତାର ବେଳକାଳ ନେଇ ଭାଷା।




ଗିରୀଶଙ୍କୁ ବୟସ ଯେତେବେଳେ ମାତ୍ର ୨୩ ବର୍ଷ, ସେତେବେଳେ ସେ ଲେଖନ୍ତି ତାଙ୍କ ଜୀବନର ପ୍ରଥମ ଚମକପ୍ରଦ ନାଟକ 'ଯଯାତି'। 'ଯଯାତି'ର ବିସ୍ମୟକର ସଫଳତା ବିଷୟରେ କହିବାକୁ ଯାଇ ସେ ତାଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି: "ନାଟକଟି ଲେଖିଲାବେଳେ ଲାଗିଥିଲା– ଯେମିତି ମୋ' କାନ ପାଖରେ ସଂଳାପଗୁଡ଼ିକ କିଏ ଡାକି ଦେଉଛି, ଆଉ ମୁଁ କେବଳ ତାକୁ ଟିପି ନଉଛି।" ଏହାର ତିନିବର୍ଷ ବ୍ୟବଧାନରେ ଗିରୀଶ ଲେଖିଲେ 'ତୁଗଲକ' (୧୯୬୪)। ପ୍ରସଙ୍ଗ ଦୃଷ୍ଟିରୁ ଏହା ଥିଲା ନେହରୁ ଯୁଗର ଏକ ବ୍ୟଙ୍ଗଭାଷ୍ୟ– ଆରମ୍ଭରେ ଆଦର୍ଶ ଓ ଆଶା ଏବଂ ପରିଣତିରେ ମୋହଭଙ୍ଗ ଓ ନିରାଶା। ତାଙ୍କ ନାଟକର ଆଧାର ପୁରାଣ, ଇତିହାସ ବା ଲୋକକଥା ଯାହା ହେଉ ନା କାହିଁକି, ସବୁରି କେନ୍ଦ୍ରରେ ସମାହିତ ସ୍ୱକାଳ ଓ ସ୍ୱକାଳକୁ ତନଖି ଦେଖିବାର ଏକ ତୀକ୍ଷ୍ଣ ନିଜସ୍ୱ ଦୃଷ୍ଟି, ଯାହା ସର୍ବାନ୍ତକରଣରେ ଆଧୁନିକ ଓ ବିବର୍ତ୍ତନକ୍ଷମ। 'ବଂଶବୃକ୍ଷ'ର ସେ ଚିତ୍ରନାଟ୍ୟ ଲେଖକ ଓ ନିର୍ଦ୍ଦେଶକ। ଶ୍ୟାମ ବେନେଗାଲଙ୍କ ଶକ୍ତିଶାଳୀ ସିନେମା 'ନିଶାନ୍ତ' ଓ 'ମନ୍ଥନ'ରେ ତାଙ୍କ ଅଭିନୟ ଯିଏ ଦେଖିଛି, ଅପାସୋରା ରହିଯାଇଛି ତା' ସ୍ମୃତିରେ ତାହା କାଳକାଳକୁ। 'ସମାନ୍ତରାଳ ସିନେମା' ବା 'ନୂଆ ସିନେମା'ର ସେ ଥିଲେ ଅନ୍ୟତମ ରୂପକାର ଓ ପ୍ରବକ୍ତା। ଏହା ସତ୍ତ୍ୱେ ମୁଖ୍ୟଧାରାର ସିନେମାରେ ମଧ୍ୟ ଗିରୀଶଙ୍କ ଛବି ଥିଲା ତାଙ୍କ ସମକାଳରେ ସବୁଠୁଁ ଉଜ୍ଜ୍ୱଳ। ୟଶରାଜ୍ ଫିଲ୍ମସ୍‌ର 'ଏକ ଥା ଟାଇଗର' (୨୦୧୨) ଓ 'ଟାଇଗର ଜିନ୍ଦା ହୈ' (୨୦୧୭) ଏହାର ବଳିଷ୍ଠ ପ୍ରମାଣ।

୨୦୧୯ ଜୁନ୍ ୧୦ ତାରିଖରେ ଗିରୀଶ ନିଜ ପରିବାର, ସ୍ୱଜନ ଓ ସର୍ବୋପରି ଭାରତୀୟ ନାଟ୍ୟ–ମାହୋଲକୁ ପିଠି କରି ସବୁଦିନ ପାଇଁ ଚାଲିଗଲେ। ତାଙ୍କ ଚାଲିଯିବାରେ କନ୍ନଡ଼ ଓ ସର୍ବୋପରି ଭାରତୀୟ ନାଟକରେ ଏକ ଯୁଗର ଅନ୍ତ ହେଲା। ଯିବାବେଳେ ସେ ଯାହା ଛାଡ଼ିଗଲେ, ତାହା ହେଲା ଦିହକବ୍ୟାପୀ ତାଙ୍କ ପ୍ରଚଣ୍ଡ ଲେଖକୀୟ ସ୍ୱାଭିମାନ। ସାଧାରଣଙ୍କ ଶେଷଦର୍ଶନ ଓ ସରକାରୀ ଶେଷକୃତ୍ୟରେ ଥାଏ ବୋଲି ଛଳ, ପାଟି ପଡ଼ିବା ଆଗରୁ ସେ ଏସବୁକୁ ବାରଣ କରି ଯାଇଥିଲେ। ଜୀବନରେ, ଲେଖାଲେଖିରେ ଯେମିତି ଥିଲେ ଏକବାଗିଆ ଓ ଏକାଏକା, ମରଣରେ ବି ରାଜକୀୟ ଉତ୍ସବମୟତାଠାରୁ ଦୂରେଇ ରହି ପାଲଟିଗଲେ ସେମିତି ଭିନ୍ନତାର ଏକ ନିଃଶବ୍ଦ ପ୍ରତିମାନ।

– ଉପସ୍ଥାପନା: ଡ. ହୃଷୀକେଶ ମଲ୍ଲିକ

## ମୋ' ଦୃଷ୍ଟିରେ

ଡ. ରମେଶ ପ୍ରସାଦ ପାଣିଗ୍ରାହୀ

# ଗିରୀଶ କର୍ନଡ଼ଙ୍କ ନାଟକ

କନ୍ନଡ଼ ନବନାଟ୍ୟ ଆନ୍ଦୋଳନର ଜଣେ ସଫଳ ସ୍ରଷ୍ଟା ଭାବେ ଯେତେବେଳେ ସେ ୧୯୬୧ ମସିହାରେ 'ଯଯାତି' ନାଟକ ଲେଖିଲେ, ସେତେବେଳେ କନ୍ନଡ଼ ସାହିତ୍ୟର ସମୀକ୍ଷକମାନେ ଭ୍ରୂକୁଞ୍ଚନ କରିଥିଲେ। ବାପା ଓ ପୁଅ ଭିତରେ ବୟସ ଅଦଳବଦଳ କରାଯାଇଥିବା ଏହି ବିଷୟବସ୍ତୁଟି ପୌରାଣିକ ଏବଂ ଅଧିକାଂଶ ସମୀକ୍ଷକ ରାଜା ପୁରୁଙ୍କର ଏହି ଉପାଖ୍ୟାନଟିକୁ ପସନ୍ଦ କରି ନ ଥିଲେ। ପୁତ୍ରର ଯୌବନ ପ୍ରାପ୍ତି ପରେ ଅଣନାୟକ ରାଜା ପୁରୁଙ୍କର ଯେଉଁ ଅବସ୍ଥା ହେଲା, ତାହା ଏକ ମିଥ୍ ହେଲେ ମଧ୍ୟ ଏଥିରେ ସମକାଳୀନ ଅନୁଭୂତିଟିଏ ଗର୍ଭିତ ହୋଇ ରହିଥିଲା। ଓଡ଼ିଆରେ ନାଟ୍ୟକାର ରବୀନ୍ଦ୍ର କୁମାର ଦାସ 'ଯଯାତି ଯନ୍ତ୍ରଣା' ନାମକ ଏକ ନାଟକ ଲେଖିଛନ୍ତି ଓ ନାଟକଟି ସୀମନ୍ତ ମହାନ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ରବୀନ୍ଦ୍ରମଣ୍ଡପରେ ମଞ୍ଚସ୍ଥ ହୋଇଛି। ଗିରୀଶ କର୍ନଡ଼ଙ୍କ ପୌରାଣିକ ଶୈଳୀର ନାଟକଟିକୁ ସେ ବାସ୍ତବଧର୍ମୀ ଶୈଳୀରେ ଉପସ୍ଥାପନ କରିଥିବାବେଳେ ସୀମନ୍ତ ମହାନ୍ତି ତାଙ୍କର ମଞ୍ଚସଜ୍ଜା, ଆଲୋକ ସଂପାତ, ଅଭିନୟ ଉପସ୍ଥାପନାରେ ଜଟିଳ ଆଭାଁଗାର୍ଦ ଶୈଳୀ ପ୍ରୟୋଗ କରିଥିଲେ। କନ୍ନଡ ମଞ୍ଚାୟନ ଅପେକ୍ଷା ଓଡ଼ିଆ ନାଟକଟି ଅଧିକ ପ୍ରୟୋଗଧର୍ମୀ ଥିଲା।


୧୯୬୫ ମସିହାରେ 'ତୁଗଲକ' ନାଟକ ବେଙ୍ଗାଲୁରୁରେ ମଞ୍ଚସ୍ଥ ହୋଇ ପ୍ରଚୁର ଜନପ୍ରିୟତା ଲାଭ କଲା ପରେ ଆଲାକ୍ ପଦମ୍‌ସି ଏହାର ହିନ୍ଦୀ ଅନୁବାଦ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା (ଦିଲ୍ଲୀରେ)ର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ କରାଇଥିଲେ। ଏହାପରେ ବଙ୍ଗଳା ଓ ମରାଠୀରେ ଅନୂଦିତ ହୋଇ ନାଟକଟି ଭାରତ ବିଖ୍ୟାତ ହେଲା। ୧୯୭୦ରେ ଏହାର ଇଂଲିଶ୍ ଅନୁବାଦ ହେଲା ଓ ମୁମ୍ବାଇରେ ଅଭିନୀତ ହୋଇ ସାଫଲ୍ୟ ଅର୍ଜନ କଲା। ନାଟକଟି ମହମ୍ମଦ ବିନ୍ ତୁଗଲକଙ୍କ ଭଳି ଜଣେ ପଣ୍ଡିତ, ଆଦର୍ଶବାଦୀ ସମ୍ରାଟ୍‌ଙ୍କ ଶାସନ ପ୍ରଣାଳୀ ସମ୍ପର୍କରେ ଏକ ବ୍ୟଙ୍ଗାତ୍ମକ ରଚନା। ଏଥିରେ ନିହିତ ରାଜନୈତିକ ବ୍ୟଙ୍ଗଟି ନେହରୁଙ୍କ ରୋମାଣ୍ଟିକ୍ ଆଦର୍ଶବାଦକୁ ସଂକେତିତ କରୁଥିଲା। ଓଡ଼ିଶାରେ ମହାନାଟକକୁ ଛାଡ଼ିଦେଲେ ଅନ୍ୟ କୌଣସି ନାଟକରେ ରାଜନୈତିକ ବ୍ୟଙ୍ଗର ଆଭାସ ମିଳେ ନାହିଁ।

ପରବର୍ତ୍ତୀ ନାଟକ 'ହୟବଦନ'ରେ ଗିରୀଶ ପୁରାଣ ଓ ଇତିହାସକୁ ଛାଡ଼ି କିମ୍ବଦନ୍ତୀ ପାଖକୁ ଫେରିଛନ୍ତି। ନାଟକଟିକୁ ଏନ୍.କ୍ୟୁ. ଥିଏଟରର ନିର୍ଦ୍ଦେଶକ ନଳିନୀ ନିହାର ନାୟକ ବହୁ ସଫଳତାର ସହିତ ପରିବେଷଣ କରିଛନ୍ତି ଏବଂ ଗିରୀଶ କର୍ନଡ଼ ନଳିନୀଙ୍କୁ ମଞ୍ଚସ୍ଥ କରିବା ପାଇଁ ଅନୁମତି ଦେଇଛନ୍ତି। ୟୁ ଟ୍ୟୁବ୍‌ରେ 'ହୟବଦନ'ର ପରିବେଷଣ ମୁଁ ଦେଖିଛି ଏବଂ ନଳିନୀ ନିହାରଙ୍କ ମଞ୍ଚାୟନ ଅଧିକ ଆଧୁନିକ ମନେହୋଇଛି।

ଗିରୀଶ କର୍ନଡ଼ 'ନାଗମଣ୍ଡଳ' ନାଟକରେ ପୁଣିଥରେ ଲୋକକଥା ଓ କିମ୍ବଦନ୍ତୀ ପାଖକୁ ଫେରି ଆସୁଛନ୍ତି। ଅଧ୍ୟାପକ ରମାକାନ୍ତ ମିଶ୍ର ଏହାର ଓଡ଼ିଆ ଅନୁବାଦ କରି ପାରାଦୀପରେ ଅନୁଷ୍ଠିତ ହୋଇଥିବା ଗୋଟିଏ ଜାତୀୟ ମହୋତ୍ସବରେ ପରିବେଷଣ କରିଥିଲେ। ପରେ ଭୁବନେଶ୍ୱରରେ ମଧ୍ୟ ଏହା ମଞ୍ଚସ୍ଥ ହୋଇଥିଲା। ସ୍ତ୍ରୀ ଲୋକଟିଏ ନାଗକନ୍ୟାରେ ରୂପାନ୍ତରିତ ହୋଇ ଯାଉଥିବା ଗୋଟିଏ କିମ୍ବଦନ୍ତୀର କାହାଣୀ ଉପରେ ନାଟକଟି ଆଧାରିତ। ମୁଁ ' ନାଗମଣ୍ଡଳ'ର ଅଭିନୟ ଦେଖିନାହିଁ। କିନ୍ତୁ ଦୋଳଗୋବିନ୍ଦ ରଥଙ୍କ ମଞ୍ଚସଜ୍ଜା ଓ ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ନାଟକଟି ମନୋରଂଜନର ଏକ ଭଲ ମାଧ୍ୟମ ଥିଲା। 'ହୟବଦନ' ପରି 'ନାଗମଣ୍ଡଳ'ରେ ମଧ୍ୟ ଗିରୀଶ ଲୋକଶୈଳୀର ପ୍ରୟୋଗ କରିଛନ୍ତି।

'ଅଗ୍ନିବର୍ଷା' ନାଟକରେ ପୁଣି ଫେରି ଆସୁଛନ୍ତି ମହାଭାରତର ବନପର୍ବରେ ଥିବା ତାନ୍ତ୍ରିକ ଋଷି ଭରଦ୍ୱାଜଙ୍କ କାହାଣୀ ପାଖକୁ। ଏହି ନାଟକରେ ଋଷି ଭରଦ୍ୱାଜ ପ୍ରତିଦିନ ତାଙ୍କ ପୁତ୍ରବଧୂଙ୍କୁ ଧର୍ଷଣ କରୁଥିବା ଦୃଶ୍ୟ ଦେଖିବାକୁ ମିଳିବ। 'ବଳି' ନାଟକରେ ଜଣେ ରାଣୀ ତାଙ୍କ ମାହୁନ୍ତ ସାଂଗରେ ଲୁଚିଲୁଚି ରତିକ୍ରିୟା କରୁଛନ୍ତି ଏବଂ ରାଜା ଜାଣିଲା ପରେ ହାତୀର କଦାକାର ମାହୁନ୍ତକୁ ବଳି ଦେଉଛନ୍ତି। ଏହା ମଧ୍ୟ ଏକ ଲୋକକଥା ହୋଇ ଥାଇପାରେ, କିନ୍ତୁ ନାଟକଟି ଲାଇସେଷ୍ଟର୍‌ର 'ହେ' ମାର୍କେଟ' ରଂଗମଞ୍ଚରେ ୨୦୦୨ ମସିହାରେ ମଞ୍ଚସ୍ଥ ହୋଇଥିଲା ଏବଂ ମାହୁନ୍ତ ଭୂମିକାରେ ଅଭିନୟ କରିଥିଲେ ନାସିରୁଦ୍ଦିନ ଶାହ। ନାଟକଟି ହାସ୍ୟରସ, ଶ୍ଳେଷ ଓ କରୁଣ ରସରେ ପରିପୂର୍ଣ୍ଣ ଥିଲା। 'ଟିପୁ ସୁଲତାନ୍‌ଙ୍କ ସ୍ୱପ୍ନ'ରେ ଗିରୀଶ ପୁଣି ଥରେ ଫେରୁଛନ୍ତି ଇତିହାସ ପାଖକୁ, ଏଥର କର୍ନାଟକର ଇତିହାସ ପାଖକୁ। 'ପାଉଁରୁଟି ଟୋଷ୍ଟ ସାଙ୍ଗରେ ଶିଖା ବିନ୍‌ସ" ( ୨୦୧୪) ତାଙ୍କର ଗୋଟିଏ ନୂତନ ନାଟକ। ଏହାର ମରାଠୀ ଅନୁବାଦ ମଞ୍ଚସ୍ଥ ହୋଇଥିଲା ପୁଣେରେ, ୨୦୧୩ ଫେବୃୟାରୀ ମାସରେ। ଏଥିରେ ବେଙ୍ଗାଲୁରୁ ସହରରେ ଥିବା ବୃକ୍ଷଗୁଡ଼ିକ କଟା ହୋଇ ସହର ତିଆରି ହେଉଥିବାର ବ୍ୟଥା ବର୍ଣ୍ଣିତ। ଅନେକ ଦିନ ତଳେ ଜଣେ କ୍ଷୁଧାର୍ତ୍ତ ରାଜାଙ୍କୁ ବୁଢ଼ୀଟିଏ କେମିତି ବୀନ୍‌ସ ଶିଖା ଦେଇ ଚର୍ଚ୍ଚା କରିଥିଲା, ତା'ର ସ୍ମୃତି କିମ୍ବଦନ୍ତୀ ହିସାବରେ ଗର୍ଭିତ ହୋଇ ରହିଛି। 'ବାହାଘରର ଆଲ୍‌ବମ୍' ତାଙ୍କର ଶେଷ ନାଟକ ଓ ଏହା ୨୦୦୯ରେ ପ୍ରକାଶିତ। ଏଇ ଗୋଟିଏ ନାଟକକୁ ଛାଡ଼ିଦେଲେ ଅନ୍ୟସବୁ ନାଟକ ପୁରାଣ, ଇତିହାସ, ଲୋକକଥା ଏବଂ କିମ୍ବଦନ୍ତୀରୁ ଅଣାଯାଇଛି। ଗିରୀଶ ନିଜେ ବାସ୍ତବବାଦର ଜଣେ ନିନ୍ଦା ପ୍ରବକ୍ତା ବୋଲି ଦାବି କରନ୍ତି। ତେଣୁ ପୁରାଣ, ଇତିହାସ ଓ କିମ୍ବଦନ୍ତୀରୁ ସଂଗୃହୀତ କାହାଣୀକୁ ସେ ସାଂପ୍ରତିକ ଯୁଗର କାହାଣୀ ପରି ଲେଖିଛନ୍ତି।

ସାହିତ୍ୟାୟନ | ଧରିତ୍ରୀ DHARITRI ୫




କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜନ୍ମ ୧୯୦୧ ମସିହା ଜୁଲାଇ ୨ ତାରିଖରେ। ନିଦରବୀ ମଣିଷର ନିଛାଟିଆ ମନକୁ ଚିହ୍ନି ଚିହ୍ନାଇବାରେ ଲେଖକ ମାହିର। ଓଡ଼ିଆ ସାହିତ୍ୟରେ ହୁରି ପକାଇବା ଭଳି ଉପନ୍ୟାସ 'ମାଟିର ମଣିଷ'(୧୯୩୧)ର ସେ ମହାନ୍ ସ୍ରଷ୍ଟା। 'ମୁକ୍ତାଗଡ଼ର କ୍ଷୁଧା' ଓ 'ଅମରଚିତା' ପରି ଉପନ୍ୟାସ; 'ଦ୍ୱାଦଶୀ' ପରି ଗଳ୍ପଗ୍ରନ୍ଥ ଏବଂ 'ମନେ ନାହିଁ', 'ଛୁରୀଟିଏ ଲୋଡ଼ା', 'କ୍ଷଣିକ ସତ୍ୟ' ଓ 'ମହାଦୀପ' ପରି କାବ୍ୟଗ୍ରନ୍ଥର ଏଇ ରଚୟିତାଙ୍କର ଏକ ବହୁଚର୍ଚ୍ଚିତ ଗଳ୍ପ 'ଧୂଳି' ଏଥରର 'ସ୍ମରଣୀୟ'ରେ, ଯହିଁରେ କଥା-ବୟାନ ଓ ଭାଷା-ନିର୍ମାଣ ଏକୁ ଆରେକ ବଳି। ବାଉରି ଝିଅ ଧୂଳିକୁ ନେଇ ଲେଖକ ଯେପରି ମଣିଷର ମନ ବିଡ଼ିଛନ୍ତି ଗଳ୍ପଟିରେ, ଓଡ଼ିଆ କଥା ସାହିତ୍ୟରେ ତା'ର ନଜିର କାହିଁ?

# ଧୂଳି

କାଳିନ୍ଦୀଚରଣ ପାଣିଗ୍ରାହୀ

"ଧୂରି! ଧୂରି!" ମଣିଆ-ମା' ବାଉରାଣୀ କଳମ୍ୱଶାଗ ତୋଳୁତୋଳୁ ଡାକିଲା।

"ଇଲୋ କାହିଁକି ଅଡ଼ି ଛାଡ଼ିଚୁ?" ଦି' କିଆରି ଛଡ଼ା ଗେଣ୍ଡା ଗୋଟାଇବାରେ ଧୂଳି ବ୍ୟସ୍ତ ଥିଲା। ମଣିଆ-ମା' ବେଙ୍ଗାଏ କଳମ୍ୱଶାଗ ହିଡ଼ କରରେ ଚବର ଚବର କରି ଧୋଇବାରେ ଲାଗିଥାଏ, ଆଉ କହୁଥାଏ, "ମଲା! ଆଡି କଣେ ନ ପାଉଣୁ ବିଲ ମଝିରେ ଆସି ପଡ଼ିଚୁ। ପଚାରିଲେ କ'ଣ ନା, କାଇଁକି ଅଡ଼ି ଛାଡ଼ିଚୁ!"

ଧୂଳି ଉତ୍ତର କଲା, "ତୁ ଆଉ କେତେ ବେରୁ ଆଇଥିଲୁ କି? କହି ଦଉଥାଇ ପରକୁ, ବୁଦ୍ଧି ନ ଦିଶଇ ଘରକୁ!"

ମଣିଆ-ମା' କହିଲା, "ଇଲୋ ମୋ' ସାତିରେ କ'ଣ ତୁ ସରିସା? ମୋର ତ ବରବଅସ ଗଲାଣି। ଏଇ ବିଲ ମଝିରେ କଉଁ ଦିନ ଜୀବନ ଚାଲିଯିବ।" ତାହାର କଳମ୍ୱଶାଗ ଧୁଆ ସରି ନ ଥାଏ।

"ଆଉ ମୋର ତ ବରବଅସ ଆସୁଛି।" ଧୂଳି ଖେଁ ଖେଁ ହସିଲା।

ମରଦ ମାଇପେ କାମ ଧନ୍ଦା ସାରି ବିଲ ଛାଡ଼ି ବାହାରି ଗଲେଣି। ଦୂରରେ କେଉଁଠି କେମିତି ଜଣେ ଦି' ଜଣ ରାତି ପାଇଁ ତୁଉଣ ଯୋଗାଡ଼ କରି ଫେରୁଛନ୍ତି। ସକାଳୁ ସଞ୍ଜଯାଏଁ ମେଘ ଘୋଟିଛି। ତେଣୁ ଠିକ୍ ସକାଳ କେତେବେଳେ, ସଞ୍ଜ କେତେବେଳେ ଜାଣିବାର ଉପାୟ ନାହିଁ। ମଝିରେ ମଝିରେ ଗୋଟେଲେଖାଁ ଟାଣୁଆ ଅସରା କୁଢ଼େଇ ଦେଇଯାଉଛି। କୁଆ କୋଇଲି ବସା ଭିତରେ ପଶିଛନ୍ତି। ଅଖିତୃତୀୟାଠାରୁ ହେଲା ଯେ ବର୍ଷା, ବିଲକୁ ତ ହଳ ଅନୁକୂଳ ନାହିଁ; ତା' ଉପରେ ପୁଣି କୁଶଭଦ୍ରା ନଈରେ ଯେଉଁ ବଢ଼ି ଆସିଲା, ଗୋଟାଏ ପାଖେ ଭଇଁଚୁଆ ଆରପାଖେ ଅଚ୍ଛୁତପୁର କାଜରୁ ପାଣି ଠେଲେଇ ପୁରୀ ଜିଲ୍ଲା କୋଠଦେଶ ପ୍ରଗନାର ଅଧେ ଗାଁ ମୂଳପୋଛ ଧୋଇଯାଇଛି। ବଳକା ବିହନ ଯେ ଯାହା ରଖିଥିଲେ, ସବୁତକ ତଳି ପକେଇ ଏକ୍ଷଣି ସମସ୍ତେ ଧାନରୁଆରେ ଲାଗି ପଡ଼ିଛନ୍ତି। ଯେମିତି ହେଉ, ବିଲତକ ତ ଉଠିଆ କରିବାକୁ ପଡ଼ିବ। ସେତକ ନ ହେଲେ ଯେ କାହାରି ଚୁଲି ଜଳିବ ନାହିଁ। ତଳି ରୋଇବା ବଡ଼ ନିକଟା କାମ। ଘର ଭିତରେ ହାଣ୍ଡିଶାଳ ଅବା ଢିଙ୍କିଶାଳ ପରି ବିଲ ଭିତରେ ଏଇଟା ଖାଲି ମାଇପଙ୍କ କାମ। ଗେଣ୍ଡା ଉଣ୍ଡିଉଣ୍ଡି ଧୂଳି ମଣିଆ-ମା' ପାଖଯାଏ ଆସିଗଲା। ମଣିଆ-ମା'ର ମଧ ଶାଗଧୁଆ ସରିଥିଲା। କାନିରେ ଅଧ ଟୋକେଇକ ଶାଗ ବାନ୍ଧି ପିଠି ପଟକୁ ପକାଇ ଦେଇ ସେ ଉଠିଲା। "ଇଲୋ ଧୂରି, ତୁ କେତେକାର ଆଉ ତକେଇ ବଇଥବୁ କି! ଗଦା କ'ଣ ଭାଷା ପତର ଦେଲାଣି ଭଲା?"

ଏହିପରି ପ୍ରଶ୍ନ ଶୁଣିଶୁଣି ଧୂଳିକୁ ଚିଟା ଲାଗିଲାଣି। ସେ କହିଲା, "ଦେ ଚାଲ ବା ମାଉସୀ! ଭାଷା, ପତର? ଅନାଉଁ ଅନାଉଁ ତିନି ବରଷ ହେଲାଣି, ଭାଷା ପତର ନାଇଁ!" "କିଣା ତେବେ କହୁଥିଲା ସତ କଥା? କିଏ ଗୋଟାଏ ଖାନିକୀଟାଏ ପାନଦୋକାନ କରିଛି; ଗଦା ତ ତାରି ପାଖରେ ଅହିଲାଣି। ଏଛୁଣି କ'ଣ ସେ ଫେରିବ!"

"ନ ଫେରିଲେ ମୁଁ ତ ତାକୁ ଡାକି ଯାଉଚି!"

"ଡାକି ଯିବୁ ନାଇଁ ସିନା, ତାକୁ ଆଉ କ'ଣ ଅନେଇ ବଇଥବୁ?"

"କାଇଁକି ଅନେଇ ବଇଥେବି ବା, ମତେ କ'ଣ ଘଇତା ମିଳୁନାହାନ୍ତି କି! ସେ ଭାଡୁଆଟା ଥେଲେ କେତେ, ମଲେ କେତେ।"

"ଆଲୋ ଆମେ ତ ବାଉରିଘର ଝୁଅ। କଉଁ ହାଟୁଆ କରଣ ଯେ, ଘରକଣରେ ଘଇତା ମୁହଁକୁ ଚାହିଁ ବଇଥବା। କୁମ୍ଭାରଘରର ବହୂ, ଝାଟିକି ନ ଗଲେ ମାଟିକି ଯାଉ। ଆମର ତ ପଙ୍କ କାଦୁଅ ତୋଟା ବିଲରେ ପାଞ୍ଚ ପାଇଟି ନ କଲେ ପୁଅ ହଉ, ଘଇତା ହଉ, ବାରଅନା କରି କହିବେ, ଚିଡ଼ିଚିଡ଼ି ହେବେ। ତେବେ ତୋର କଅଣ ଅରପ ବହପ କି! ବାମୁଣ ଘରେ ଘଇତାମାନେ ପାଞ୍ଚ ବରଷ, ତିନି ବରଷ ବିଦେଶ ଗଲେ ମାଇପମାନେ ଘରେ ଅହିଲା ପରିକା, ତୁ ତ ତିନି ବରଷ ଅହିଲୁଣି।"

"ଘଇତା ନ ଥିଲେ ମୋ' ପେଟ କ'ଣ ଅପୋଷା ଅହୁଚି କି ମାଉସୀ! ମୋର ଚାରିବାହା ଥେବାଯାକେ ଦି' ବେରା ମତେ ଦି'ମୁଠା ଖାଇବାକୁ ମିଳିବ ନାହିଁ କି?"

"ଆଲୋ ଧୂରି, ତେତେ ସିନା ବିଧାତା ବାଉରି କୁରରେ ଜନମ ଦେଇଚି। ଦଣ୍ଡିପୁର ଗାଁ ଗୋଟାକ ବୁଲି ଆଇଲେ ବାମୁଣ କି କରଣ ଘରେ ତୋ' ଭଳି ଝୁଅଟାଏ ଭଲା ମିଳିବ? ରୂପରେ କ'ଣ, ଗୁଣରେ କ'ଣ, ତତେ ଫେରେ ବରିଯିବ କିଏସେ ମ? ହେଲେ ତ ଭୁଆସୁଣୀ ମାଇପିଟାଏ। ଦିହ ଅଛି, ମୁଣ୍ଡ ଅଛି, ଭଲ ଅଛି, ମନ୍ଦ ଅଛି। ବାଉରିଘର ଝିଅ ତ, କଉଁଠି ମୂଳ ଲାଗିଲେ ପାଁ ସେର ଆଣିବୁ। ତା'ବୋଲି କାନରେ ନାକରେ ଦି' ଖଣ୍ଡ ନାହିବାକୁ ମନ ହେବ ନାହିଁ। ଛୁଆ ପିଲା ଦୋଟି କୋଡ଼କୁ ହେବେ ନାହିଁ?"

କଥା ଲହସରେ ଦିହେଁ ଗାଁ ପାଖକୁ ଆସି ଯାଇଥିଲେ। ମଣିଆ-ମା' ପରି କେତେ ମାଇପଙ୍କ ମୁହଁରୁ ଧୂଳି ତାହାର 'ଦ୍ୱିତୀୟ' ହେବା ପ୍ରସ୍ତାବ ଶୁଣିଲାଣି। ଭୁଆସୁଣୀ ମାଇପିଟା, ସ୍ୱାମୀ ପାଖରେ ନାହିଁ, ବାରଆଡ଼େ ବୁଲି କାମପାଇଟି କରୁଚି, ସାଇପଡ଼ିଶାରେ କାହା ଆଖିକି ଏ କଥା ଭଲ ଦିଶିବ ଭଲା? ଧୂଳି ମଧ ଆଗେ ଯେମିତି ମନ ଟାଣ କରି ରହିଥିଲା, ଏବକୁ ଏକାଟିଆ ରହିବାଟା ତାକୁ ଟିକିଏ ଅଡୁଆ ଅଡୁଆ ଲାଗୁଚି। ଦାଣ୍ଡରେ ଚାଲିଗଲେ ଯେ ତାକୁ ଦେଖୁଚି, ସେ ଯେମିତି ମନରେ କିଛି ବିଚାରୁଛି ପରା!

"ପୁଣି ଏ ଅରପେଇଷା ନାଥିଆଟା ତ ଦିନ ଆଡି ଅଖି ଥୋଇ ଦଉନାଇଁ। ତା' ସାଥିରେ ଅହିଲେ ସେ ମେତେ ପୋଷିବ ନା ମୁଁ ତାକୁ ପୋଷିବି? ଆପଣା ଦିହଟିକି ଛାପ ଚିକଣ କରିବାକୁ ତାକୁ ତ ବେର ନାଇଁ, ସେ କାମପାଇଟି କରିବ କ'ଣ? ଆଉ ସେଇ ଯେ ମାଗୁରମୁହାଁ ଅଗାଧୁଆ। ଆଜିଯାକେ ପଦେହେଲେ ଭଲ କରି ତ ସେ ନିଅଁଶିଆ ତୁଣ୍ଡରୁ କଥା ଶୁଣିଲା ନାହିଁ।" ସାତ ପାଞ୍ଚ ବିଚାରି ଧୂଳି ଗେଣ୍ଡାତକ ଛେଚି ମାଉଁସ କାଢ଼ିବାରେ ଲାଗିଲା।

"ହେ ଧୂରି, ଗେଣ୍ଡା ତୁ'ଣ ଟିକିଏ ଦବୁ କିଲୋ"- ଡାକି ନାଥିଆ ଭୋଇ ଦୁଆର ମୁହଁରେ ପହଞ୍ଚିଲା। ନାଥିଆର ଟାହୁଲି ଟାପରାଗୁଡ଼ାକ ଧୂଳିକୁ ସୁଖ ଲାଗେ ନାହିଁ, କେମିତି ବେହିଆ ମଣିଷଟା ସେ। ଧୂଳି ମୁହଁ ଛିଞ୍ଚାଡ଼ି ଗେଣ୍ଡା ଛେଚିବାରେ ଲାଗିଥାଏ। ନାଥିଆ ତା' ପାଖରେ ବସିପଡ଼ି ରୁପା ଭୁଣ୍ଡିଲଗା ବଟୁଆ ଫିଟାଇ ପାନ ସଜାଡ଼ିଲା। ପାନରେ ଚୂନ ଲଗାଉ ଲଗାଉ କହିଲା, "ପାନଗୁରାକ ଏତେ ମହରଗ ହେଇଗଲାଣି। ଗଲାପାଳି ସିନା ସରଣା ହାଟରୁ ତିନି ପଇସାକୁ କଡ଼ାଏ ପାନ ଆଣିଥେଲି। ଆଜି ଅଗାଧୁ ସାଉ ପରା ପଇସାରେ ଜମାଟାରୁ ପାଞ୍ଚଟା ଦେଲା।"

ଧୂଳିକୁ ନିରୁତ୍ତର ରହି ନିଜ କାମରେ ବ୍ୟସ୍ତଥିବାର ଦେଖି ସେ ପାନଖିଲ ଭାଙ୍ଗି ତା' ହାତକୁ ବଢ଼ାଇ ଦେଲା। ଧୂଳି ଡେବିରି ହାତରେ ଗେଣ୍ଡା ଧରି ଖାଇବି ହାତରେ ଗୋଟାଏ ପଥର ମୁଣ୍ଡାରେ ଛେଚୁଛି। ନାଥିଆ ହାତରେ ପାନଖିଲକୁ ଚାହିଁ ସେ କହିଲା, "ପାନ ମୋର କିଏ ଖାଉଚି, ଗେଣ୍ଡା ଦି'ଟା ସନ୍ତୁଳିଦେଲେ ତୋରାଣି ମୁନ୍ଦାଏ ପିଇବି।"

"ହଉ-ନେ, ପାନଖଣ୍ଡେ ଜାକି ଦେ ମ। ଭଲ ଚୁଆପକା ଗୁଣ୍ଡି ଦେଇଚି।" ନାଥିଆ ଖିଲେପାନ ତା' ମୁହଁରେ ଗୁଞ୍ଜିଦେଲା।

ବେଳ ଦି'ଘଡ଼ିରୁ ସେହି ଯେ ତୋରାଣି ମୁନ୍ଦାଏ ପିଇ ବିଲକୁ ଯାଇଥିଲା; ତାହା ପରେ ଖଣ୍ଡେ ପାନ ଓ ପିଙ୍କା ଛଡ଼ା ଧୂଳି ଆଉ କିଛି ହେଲେ ତୁଣ୍ଡରେ ଦେଇନାହିଁ। ପାଟିଟା ଖାରିଆ ଲାଗୁଥିଲା। ନାଥିଆର ପାନ ଖଣ୍ଡ କଳରେ ଜାକି ଚୁଆପକା ଗୁଣ୍ଡି ବାସନାରେ ତାହା ମନଟା ଖୁସି ହୋଇଗଲା। ସେ ଗେଣ୍ଡା-ଛେଚାରେ ଆଖି ପକାଇ ନାଥିଆକୁ କହିଲା, "ତୁ ଆଜି କେଉଁଠି କାମକୁ ଯାଇଥେଲୁ କି?" ଆଉ ଫାଳେ ପାନରେ ଚୂନ ଲଗାଇ ନାଥିଆ ନିଜ କଳରେ ଗୁଞ୍ଜିଦେଲା ଏବଂ ଗୁଆ ଭାଙ୍ଗୁ ଭାଙ୍ଗୁ କହିଲା, "ନାଇଁବା, ସକାରୁ ତ ଦାମୁଡ଼ି ହରକ ଚରେଇବାକୁ ନେଇଥେଲି, ଜେନାବାରି ଭିତରକୁ ଚାନ୍ଦିଆଟା ପଶିଗଲା ଛୁଣି ତାକୁ ଅଡ଼େଇ ଦେଉଦେଉ ଗୋଟାଏ ବାଉଁଶକଣ୍ଟା ଗୋଇଠି ଭିତରେ ପଶିଗଲା ଯେ ଆଉ ଯାଏ କୁଆଡ଼େ! ଲଥିକିନା ବସିପଡ଼ି କଣ୍ଟାଟାକୁ ଓଟାରି ଦେଇଛି, ରକତ କେଜାଣି ଅଧ ସେର କାନ୍ତର ବୋହିଗଲା।"

ନାଥିଆର କଷ୍ଟ କଥା ଶୁଣି ଧୂଳି ମୁହଁରୁ ଆହା ପଦେ ବାହାରିବ କ'ଣ ଓଲଟି ସେ ଟିପ୍ପଣୀ ଦେଲା, "ଉଁ, ବାଉଁଶ କଣ୍ଟାଟା ପାଇଁ ଗୋଟାଏ ଦିନ ତୁ ପାଇଟିକୁ ଗଲୁନାହିଁ। ଏଡ଼ିକି ଗଣ୍ଡିଛଞ୍ଚା! ଦେଖିଲୁ ମୋ' ଗୋଡ଼, ଗେଣ୍ଡା କେମିତି ଚିରି ପକେଇଛି?"

ଧୂଳି ତା'ର ଡାହାଣ ଗୋଡ଼ ଗୋଇଠିଟାକୁ ଦେଖାଇଦେଲା। ଦିନଯାକ ପାଣିକାଦୁଅରେ ପଡ଼ି ତାହାର ତଳିପା ଛେତା ପଡ଼ି ଯାଇଥାଏ। ନାଥିଆ ଗୁଆ ଦି'ଖଣ୍ଡ ପାଟିକି ଡିଆଇଁ ଦେଇ ବଟୁଆ ଭିତରୁ ଗୁଣ୍ଡି କାଢୁକାଢୁ କହିଲା, "ତୋ' ଦିହଟା କେଡ଼େ ଗୋରା ବା ଧୂରି, ବାଉରିଘର ଝୁଅ ବୋଲି ସିନା!"

ଧୂଳି ପାଟିଟାକୁ ନାଲି କରିଦେଇ କହିଲା, "ଆଉ ନଇଲେ କ'ଣ ହୋଇଥା'ନ୍ତା କି?"

"ଗଲା ସନ କଟକ ଦେବୀଯାତ ଦେଖି ଯାଇଥେଲି ଯେ, ତତେ ଯେବେ ଘଷିମାଜି ସେମିତି ଗହଣା ପିନ୍ଧେଇ, ଗୋଟାଏ ମେଢ଼ ଆଗରେ ବସେଇ ଦିଆହୁଅନ୍ତା, ଯାତ ଗୋଟାକର ସମସ୍ତେ ଆସି ତୋରି ପାଖେ ମୁଣ୍ଡିଆ ମାରନ୍ତେ ପରା!"

ଧୂଳି ଚିଡ଼ିଯାଇ ଆକଟ କଲା, "ଚୁପ୍ ଚୁପ୍, ଠାକୁରାଣୀଙ୍କ ସାତିରେ ମେତେ ସରିସା କରୁଚୁ। ଜିଭ ଛିଡ଼ି ପଡ଼ିବ ଯେ!" ନାଥିଆ ମଧ ଡରିଯାଇ କହିଲା, "ନାହିଁ ବା, ମୁଁ ଖାଲି ତୋ' ଗଢ଼ଣ କଥା କହୁଥେଲି ନା।"

"ଆଉ ଦିନେ ସେମିତି କହିବୁ ନାହିଁ।" ନାଥିଆ କଥାକୁ ବୁଲେଇ କହିଲା, "ଗଦା କ'ଣ ପରା ଭାଷା ଦେଇଥିଲା?"

ଧୂଳି ତାକୁ ନ ଚାହିଁ ଉତ୍ତରା କଲା, "ତୋରି ପାଖକୁ ଦେଇଥବ।" ମୋ' ପାଖକୁ କ'ଣ ଭାଷା ଦେବ କି! ମୁଁ କାଲି ଛାଡ଼ି ତ ପଅରି ଦିନ କଲିକତା ଯିବି। କ'ଣ ଖବର ଦବୁ ତ କହ।" ନାଥିଆର କଲିକତା ଯିବା ଖବରରେ ଧୂଳି ବିସ୍ମୟ ପ୍ରକାଶ କରି କହିଲା, "ନାଇଁ, ଖବର ଦେବି କ'ଣ ବା। ସେ ତ ଗୋଟାକୁ ଆଦରି ଅହିଲାଣି। ଏଣିକି ମୋ' କଥା ମୁଁ କରିବିନି କି!"

ନାଥିଆ ସିଧା କହି ପକେଇଲା, "ତୋ' କଥା ଆଉ କରୁଚୁ କଅଣ? ତେବେ ମୁଁ କେତେ ଦିନ ହେଲା କହିଲିଣି। ତୋ' ଇଚ୍ଛା କଅଣ ଆଜିଯାକେ ତ ଜାଣିଲି ନାଇଁ। କଲିକତା ଯିବିନି ତ ଆଉ ଗାଁରେ ରହିବି କାଇଁକି? ଏ ସାଲେ ପୁଣି ଫସଲ ଯେମିତି ଧୋଇଗଲା, ବିଦେଶ ନ କଲେ ଖାଇବାକୁ ମୁଠାଏ ମିଳିବ ନାଇଁ।"

ବାଉରି ସାହି ଭିତରେ ନାଥିଆର ଭଲ ଚଳପକ୍ଷ। ଦଶ ବାର ମାଣ ଚାଷ। ପୁରୁଣା ଧାନ ଘରୁ ଭରଣେ ଡୋଲିଏ ମିଳିପାରେ। ମୁଗ, କୋଳଥ ହୋଇ ଦି' ପୁଞ୍ଜା ଓଳିଆ ଥୁଆ ହୋଇଛି। ନାଥିଆର ବଡ଼ ଭାଇ ଦି'ଟା କାମିକା ମର୍ଦ୍ଦ। ବାପ 'ଲଣ୍ଡା-ରଘୁଆ' ବୁଢ଼ା ହେଲେ କ'ଣ ହେବ, ଦଣ୍ଡେ ଥୟ ହୋଇ ବସିବ ନାହିଁ, ବିଲବାରି ଦେଖାଚାହାଁ କରୁଥାଏ। ନିଜ ଜମି ସିବା ଭାଗ ହେତା ବି ପାଞ୍ଚ ମାଣ ଚଷିଛି। ଘରେ ଏ ଓଳି ସେ ଓଳି ଖାଇବା ପାଇଁ ଛୁଆପିଲା ହୋଇ ଷୋଳ ପ୍ରାଣୀ କୁଟୁମ୍ବ। ନାଥିଆଟା ପାଣି କାଦୁଅ ହେବାକୁ ଡରେ,- ଭଲ ଖାଇବ, ଭଲ ପିନ୍ଧିବ, ଭଲ ଲଗେଇବ- ଏହାଛଡ଼ା ତାହାର ଆଉ ବେଶି କିଛି ଚିନ୍ତା ଥିଲା ପରି ଜଣା ପଡେନାହିଁ। ଦିନରେ ବାପ ଭାଇଙ୍କ ଡରରେ ଗୋରୁଗାଈ, ବିଲବାରି ହୋଇ ଟଙ୍ଗର ଟଙ୍ଗର ବୁଲେ, ରାତି ହେଲେ ମୁଠାଏ ଖାଇଦେଇ ଘୁମୁରା ମାଡ଼ କରେ। ଧୂଳିକୁ କେଉଁ ଖବର ଅଛପା ନାହିଁ। ଆଜି ନାଥିଆ ମୁହଁରୁ ଘରକରଣା କଥା ଶୁଣି ସେ ମନେମନେ ହସିଲା।

"ଯାଉନୁ କଲିକତା, ତା'ରି ପରି ଗୋଟାଏ ଖାନିକୀ ଘିନିକରି ଅହିବୁ।"

"ତୁ ଯେବେ ନାହିଁ କରିବୁ, ସେଇତା କରିବିନି ଆଉ କ'ଣ!" ଧୂଳି ସାଙ୍ଗରେ ଲାଗିଲାଗି ନାଥିଆ ହଇରାଣ ହୋଇସାରିଲାଣି; ତେବେ ବି ତାହା ମୁହଁରୁ ହଁ କି ନାହିଁ ପଦେହେଲେ କଥା ଶୁଣିଲା ନାହିଁ।

"ତେତେ କ'ଣ କନିଆ ଅପୂରୁବ ଯେ ତୁ ଦୋଡ଼ୀକନିଆଁ ଦୁତୀଅ ହବୁ?"

"ଆଲୋ ଯାହା ହେଉ ପଛେ ମନପାଇବା ହେଉଚି ଅସଲ। ତୋ' ମନ କ'ଣ, ଆଗ କହିଲୁ।"

"ମୋ ମନ କ'ଣ, ବାପ ଅଛି ନା ମା' ଅଛି ଯେ, କାହା ଆଗରେ କହିବି। ତୋ' ବାପ ମା'କୁ ଭଲା ପଚାରିଛୁ?"

"ତୁ ଆମ ଘରକୁ ଆଇଲେ ବାପା ମା' କିଏ ମନା କରିବେ? ଆଉରି କେଡ଼େ ଖୁସି ହେବେ; ବୋଉ ପରା ଭାଉଜ ଦିହିଙ୍କି ତୋରି ପାଇଟି କଥା ଉଲୁଖା ଦିଏ।"

ଧୂଳି ମଧ ଜାଣେ, ନାଥିଆ ଘରକୁ ସେ ଗଲେ ସମସ୍ତେ ତାକୁ ସୁଖ ପାଇବେ। ହାଣ୍ଡି ଧୋଇବା, ଘର ଲିପିବା, ବିଲ ବାଛିବା, ଖତ ମୁଣ୍ଡେଇବା- କେଉଁ କାମ ତାକୁ ଉବାର ଯେ!

"ହେଲେ, ତୋର ତ ପୁଣି ଭାଇଭାଉଜ ଘର।"

"ନିଆଁ ଟିକିଏ ଦବୁ କିଲୋ ଧୂରି"- କହି ରାଧି କୁଟା ଲୁଣ୍ଡାଏ ଧରି ଘର ଭିତରେ ପଶିଗଲା। ମୁହଁ ଅନ୍ଧାରିଆ ବେଳ ହୋଇଛି। ବାରିପଟ ସାରୁ ଗଛରେ ମେଘ ଝୁପୁଝୁପୁ ଶୁଣାଯାଉଛି। "ଅନ୍ଧାର ହେଲାଣି" କହି ଗେଣ୍ଡା ମାଉଁସତକ ଖଣ୍ଡେ ସାରୁପତ୍ରରେ ଧରି ଧୂଳି ଧଡ଼୍କିନା ଉଠି ପଡ଼ିଲା। ନାଥିଆ ବି ଉଠିଗଲା।

ଦିନକ ପରେ ସକାଳୁ ଆସି ଅଗାଧୁଆ ଭୋଇ ଡାକିଲା, "ଧୂଳି, ସ୍ୱାଇଁଘର ବିଲ ରୋଇବାକୁ ଯିବୁ? ମାଇପି ମୂଲ ଦଶ ପଇସା।"

ଦଶ ପଇସା ଶୁଣି ଧୂଳିର ଲୋଭ ହେଲା। ସେ ସା'ନ୍ତଘର କାମକୁ ବାହାରିଥିଲା। କହିଲା, "ହେଉ, ଚାଆଲେ, ଆଜି ସା'ନ୍ତ ବିଲକୁ ଯିବିନାଇଁ।"

ବାଟରେ ଆସୁଆସୁ ଅଗାଧୁଆ ପଚାରିଲା, "ତୁ ଲଣ୍ଡା-ରଘୁଆ ଘରକୁ କୁଆଡ଼େ ବହୂ ହେଇ ଯାଉଚୁ?"

"ତତେ କିଏ କହିଲା?"

"ଏଁ? ମତେ କହିଲା କିଏ! ଜମା ତ କିଛି ଜାଣିନୁ, ଛୋପରା ହେଉଚୁ। ବାଉରିସାଇଯାକ ଡେଙ୍ଗୁରା ପିଟା ସଇଲାଣି। ମତେ କିଏ କହିବ କ'ଣ ବା! ଆଜି ସକାଳେ ପରା ମୋ' ବୋଉକୁ ନାଥିଆ ମା' କହୁଥେଲା। ନାଥିଆ ତ ନିଜେ ଯାହାକୁ ଆଗରେ ପାଉଚି ତା' ଆଗରେ ଏଇ କଥା ଗପୁଚି, ଲୁଚିଚି ନା ଗୋଡ଼ଦିଓଟି ଦିଶୁଚି।"

"ନାଥିଆ ଉପରେ ଧୂଳିର ଭାରି ରାଗ ଓ ଘୃଣା ହେଲା। କହିଲା, "ଯା' ଭାରି ଯା'। ତୁ ସେ କଥା ମେତେ କହିବୁ ନାହିଁ।"

ନାଥିଆ କଥାକୁ କିଏ କ'ଣ ଶୁଣୁଥିଲା- ସେ ତ ଜାଣି ଭୋପାଟାଏ। ପଅରିଦିନ ପରା ରାଧି କୁଆଡ଼େ ତମ ଦିହିଁଙ୍କି ଦେଖିଲା, ଆଡି ଅଧଯାଏ ଘର ଭିତରେ ପଶି ଗପ କରୁଥିଲ।"

"ହଁ ଗପ କରୁଥେଲି- ନାଥିଆରେ, ମୁଁ ତେତେ ଦୁତୀଅ ହେବି, ତୋ' ଘରକୁ ବହୂ ହେଇ ଯିବି। ତେତେ ରୋଜିନା କୋଡ଼ିଏ ଖିଲିପାନ ଦେବି, ତୁ ଦାନ୍ତ ପଚେଇବୁ।"

ଅଗାଧୁଆ ଠୋ ଠୋ ହସି କହିଲା, "ବୁଝିଲୁ ଧୂଳି, ଚମ୍ପି ବୋଉକୁ ଦିନେ ପାନ ଖଣ୍ଡେ ମାଗିଲି ଯେ, ତାକୁ ତ ଖିଲି କରି ଆସେ ନାହିଁ। ସେଦିନ ଲାଗିପଡ଼ି ଗୋଟାଏ ଖିଲି ସଜାଡ଼ିଲା। ଭଙ୍ଗାଗୁଆ ଟିକିଏ କେଉଁ ଦିନ ଠଣା ଭିତରେ ରଖିଥେଲା। ଅନ୍ଧାରୁଆ ଅନ୍ଧାରୁଆ ଖିଲ ମୋ' ହାତରେ ବଢ଼ାଇଦେଲା। ଖିଲଟାକୁ ଗୋଟାଏ ଥର ଚୋବେଇ ଦେଇଛି କି ନାଇଁ, ଆଉ ଯିବି କୁଆଡ଼େ।"

"କାଇଁକି, କ'ଣ ହେଲା କି ରେ?"

"ଆଲୋ, ଏବେ ଅଖା ଭିତରୁ ଯୋଡ଼ାଏ ଧାନୁଆ ଲଙ୍କାମରିଚ ପାନ ଭିତରକୁ ଆସି ମୋ' ପାଟି ଭିତରେ ପହଞ୍ଚିଲା।" ଅଗାଧୁଆ ରହସ୍ୟ କଥା କହି ଜାଣେ ନାହିଁ। ମୁହଁକୁ ଶୁଖେଇ ସେ ସତ କଥା ପ୍ରକାଶ କରୁଥିଲା, କିନ୍ତୁ ତାହାର ପଛ ପଟେ ହସି ହସି ଧୂଳିର ପେଟ ପ୍ରାସ ହୋଇଗଲାଣି। ଅଗାଧୁଆ ଆଗେଆଗେ କହି ଚାଲିଥାଏ, ଚମ୍ପିକୁ ଡକାପାରିଲି, ବୁଝିଲୁ ଧୂଳି, ଠେକିଏ ପାଣି ତେଣ୍ଡି ଦେଲି। ତହୁଁ ଟିକିଏ ଦମ୍ ନେଲି।"

"ଚମ୍ପି ତ କାଇଁ କେତେ ମାସ ହେଲା ଆସି ନାହିଁ?"

"ତା'ବରରତବାରମାସରେତେରଦିହଦୁଃଖ,ସେଘରଛାଡ଼ିଆସିବକିମିତି? ଆଉ କ'ଣ ତା' ବୋଉ ଅଛି ଯେ, ଝିଅର ଭଲ ମନ୍ଦ ପଚରାଉଚରା କରିବ?"

"ସବୁ ବେରେ ତା' ବରୁଟା ତ ଓଗିଣା ହେଲା; ମୂଳିଆ ପୁଅ ବାଧକା ହୋଇ ପଡ଼ିଲେ ମାଇକିନିଆ ଝୁଅଟା କ'ଣ କରିବ? ତାକୁ ତ ଫେର୍ ଦିଅଁ ଗୋଟିଏ ବାରକ ଦେଲେଣି।"

ଅଗାଧୁଆ କପାଳିଆ ଲୋକ। ଚାଳିଶ ବର୍ଷରେ ନାତି ଦେଖିଲାଣି। ଧୂଳି ମୁହଁରୁ ନାତି କଥା ଶୁଣି ଖୁସିଟାଏ ହୋଇ କହିଲା, "ସେ ଶଳା ଟୋକା ଭାରି ଖୁଣ୍ଟୁବୁଜିଆ ହେଇଚି। ବିଧା ଯେ କୁଟି ପକାଉଚି ମୋ' ପରି ମଣିଷର ପିଠି ପରାଣ କରିଦେବ।"

କାଠପଟା ପରି ଅଗାଧୁର ଓସାରିଆ କଳା ପିଠିଟାକୁ ଚାହିଁ ଧୂଳି ବିଚାରୁଥାଏ, ଏ ପିଠି କାହିଁରେ ଭଲା ଟିକିଏ ଦରଜ ହେବ!

ସେଦିନ ସଞ୍ଜବେଳେ ନାଥିଆକୁ ତା' ଘର ଭିତରକୁ ପଶି ଆସିବାର ଦେଖି ଧୂଳି କହିଦେଲା, "ତୁ ମୋ' ଦୁଆରକୁ ସଞ୍ଜ ବେରୁଟାରେ ଆସିବୁ ନାଇଁ। ଏକାଟିଆ ମଣିଷ, ବାରଲୋକେ ବାରଅନା କହୁଚନ୍ତି।"

ନାଥିଆ ଖୁଁ ଖୁଁ ହସି କହିଲା, "ତୁ ମୁଁ ଯେବେ ରାଜି, କି କରିବ କାଜି।"

"ସେ କଥାଗୁରାକ ଅଖି ଥା'। ଯିବୁ ତ ଯା', ନଇଲେ ପାଟି କରି କମ୍ପେଇବି।"

"ନାଥିଆ ଦେଖିଲା ଧୂଳି ଫୁଲିଯାଇଛି। ହଠାତ୍ ନାଥିଆ ମୁହଁଟା କଳାକାଠ ପଡ଼ିଗଲା। ତଥାପି ସେ ସାହସ ବାନ୍ଧି କହିଲା, "ଅଗାଧୁଆ ଶିଖେଇଚି ପରା, ତା'ରି ପାଖରେ ରହିବୁ ତେବେ?"

"ଅଗାଧୁଆ ଶିଖେଇଚି କି ଯେ ଶିଖେଇଚି, ତୁ ଟା ମୋତେ କହିବାକୁ କିଏ ରେ? ଯାଉଚୁ କି ଏଠୁ ଦେଖିବୁ?"

ଡରରେ ନାଥିଆ ତିନି ପାଦ ପଛକୁ ଘୁଞ୍ଚିଗଲା, "ତା' ହେଲେ ଦେ ମୋ' ଚିଜ ମୋତେ ଫେରେଇ।"

"ନେ ତୋ ଚିଜ, ଏଇଥିପାଇଁ ଡରାଣ ଦେଖଉଚୁ କି?" ଧୂଳି ତାହାର ଦି' କାନରୁ ପଡ଼ିଆ ସୁନାର ଦି' ଖଣ୍ଡ ସରୁସରୁ ନୋଳି କାଢ଼ି ନାଥିଆ ଉପରକୁ ଫିଙ୍ଗିଦେଲା। ଏଡ଼େ ଛଞ୍ଚଳ ଧୂଳି ନୋଳି କାଢ଼ି ପକାଇ ଦେବ ବୋଲି ନାଥିଆ ବିଚାରି ପାରି ନ ଥିଲା। ଫେରିଲାବେଳେ କହିଲା, "ମୋ' ଘରେ ଯେ ମୂଲ ଲାଗି ଖାଇବ, ତୁ ତା'ରି ଘରେ ପଶିବୁ, ତୋତେ ସା'ନ୍ତାଣୀ ଯୋଗ ନାହିଁ!"

ଧୂଳି କ'ଣ ଗୋଟାଏ କଡ଼ା କଥା କହିବ ବୋଲି ଯାଉଥିଲା; କିନ୍ତୁ ନାଥିଆ ସେତେବେଳକୁ ଦୂରକୁ ଚାଲିଗଲାଣି। ନାଥିଆ ସାଙ୍ଗରେ ଝଗଡ଼ା କରି ଧୂଳି ମନଟା ରାତିରେ ଭାରି ଘାଣ୍ଟି ହେଲା। ପୁଣି ତହିଁ ଆରଦିନ ଯେତେବେଳେ ଶୁଣିଲା ଯେ ନାଥିଆ ପାହାନ୍ତା ପହରରୁ ପଞ୍ଚୁଆ ସାଥିରେ କଲିକତା ବାହାରି ଗଲାଣି, ସେତେବେଳେ ତା' ମନର ଗୋଟାଏ ପାଖ ଓଦା ହୋଇଗଲା।

କିନ୍ତୁ ଦିନ ଚାରିଟା ଯାଇଛି କି ନାହିଁ, ମଝିରେ କେବେ ଅଗାଧୁଆ ପାଖରେ ଧୂଳି ନଡ଼ା ବିଡ଼ାକ ଉପରେ ବସିପଡ଼ିଲା। ପୁଣି ତହିଁ ଆରଦିନଠାରୁ ନିତି ଦେଖାଗଲା, ଅଗାଧୁଆ କଥା ଗପିଗପି ଆଗରେ ଚାଲିଛି ଓ ତା' ପଛରେ ହସିହସି ଧୂଳି ମଧ କାମକୁ ଧାଇଁଛି।



ଗଳ୍ପ

# ବାୟା, ବୋଉ ଓ ବାର୍ଥ ଡେ

ସତ୍ୟରଂଜନ ଚାନ୍ଦ

ପୂଜା ଛୁଟି ଥିଲା। ଦୁର୍ଗାପୂଜା ପାଇଁ ବିଜେବି କଲେଜ ହଷ୍ଟେଲ୍‌ରୁ ରବି ଗାଁକୁ ଗଲା। ତା' ଗାଁ ହେଉଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍‌ର ଫୁଲବଣି। ଭୁବନେଶ୍ୱରରୁ ବାଲେଶ୍ୱର ଓ ବାଲେଶ୍ୱରରୁ ଚନ୍ଦନେଶ୍ୱର ବସ୍‌ରେ ଯାଇ ଠିକ୍ ସନ୍ଧ୍ୟା ସାତଟାରେ ପହଞ୍ଚିଗଲା ଗାଁରେ। ଘରେ ଅଛି ତା' ମା' ଓ ତା' ଉପର ଭାଇ ଦୁଇଜଣ। ଜଣେ ଗାଁ ପୋଷ୍ଟମାଷ୍ଟର। ଆଉ ଜଣେ ବ୍ୟବସାୟ କରେ, ଏତେ ବେଶି ନୁହେଁ, ମାନ୍ଦା। ଆଉ ଜଣେ ଉପର ଭାଇ ଭୁବନେଶ୍ୱରରେ କୃଷି ମହାବିଦ୍ୟାଳୟରେ ବି.ଏସ୍‌ସି. ଏଗ୍ରିକଲ୍‌ଚର ପଢୁଥିଲେ। ବଡ଼ଭାଇ, ଯିଏ ପୋଷ୍ଟମାଷ୍ଟର ଥିଲେ; ସିଏ ଭିନେ ହୋଇ ତାଙ୍କ ସ୍ତ୍ରୀ ଓ ତିନି ପୁଅଙ୍କୁ ନେଇ ଉପର ମହଲାରେ ରହୁଥିଲେ। ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲା ବେଳେ ରବିର ବାପା ହଠାତ୍ ପାରାଲିସିସ୍ ଓ ଥ୍ରମ୍ବୋସିସ୍‌ରେ ମୃତ୍ୟୁବରଣ କରିଥିଲେ ଏବଂ ଘରର ବଡ଼ପୁଅ ଭାଗବଣ୍ଟା କରି ନିଜର ସମ୍ପତ୍ତିତକ ନେଇ ଅନ୍ୟ ସାନ ତିନିଭାଇ ଓ ମା'ଙ୍କୁ ଅଲଗା କରି ଦେଇଥିଲେ। ଅପାଠୋଇ ବିଧବା ମା' ଚୁପ୍‌ଚାପ୍ ସବୁ ଦୁଃଖ-କଷ୍ଟ ସହୁଥିଲେ ବି ନିଜ ପିଲାଙ୍କୁ ମଣିଷ କରିବେ ବୋଲି ପଣ କରିଥିଲେ। ପିଲାଙ୍କ ଭାଗରେ ଯେଉଁ ଚାଷ ଜମି ଥିଲା, ସେ ସବୁକୁ ବିକ୍ରିକରି ପିଲାଙ୍କୁ ପାଠ ପଢ଼ାଉଥିଲେ। ଗାଁରେ ଜଣେ ସ୍ତ୍ରୀଲୋକ 'ଡେଙ୍ଗୀ'କୁ କିଛି ଗାଈ ଦେଇଥିଲେ, ସେ ଗାଈର ବାଛୁରୀ ଟିକେ ବଡ଼ ହେଲା ପରେ ତାକୁ ବିକ୍ରି କରି ଯେଉଁ ଟଙ୍କା ପାଏ, ତାହା ପିଲାଙ୍କ ପାଠପଢ଼ାରେ ଖର୍ଚ୍ଚ କରେ।

ରବି ଘରେ ପହଞ୍ଚିଛି। ମା'ଙ୍କୁ ମୁଣ୍ଡିଆ ମାରିଲା ଓ ମା' ତାକୁ କୁଣ୍ଢେଇ ପକେଇ ଗେଲ କଲେ।

ତା'ପରଦିନ ସକାଳ। ସେଦିନର ତାରିଖ ଥିଲା ଅକ୍ଟୋବର ଦୁଇ, ରବିର ଜନ୍ମଦିନ। ମା'ଘରର ବାସନ ମାଜୁଥିଲେ, ପିତଳ କଂସାବାସନଗୁଡ଼ିକୁ ଘଷିଘଷି ଚକ୍‌ଚକ୍ କରୁଥିଲେ। ରବି ଯାଇ ମା'କୁ କହିଲା– 'ମା' ଜାଣିଚୁ! ଆଜି ମୋର ବାର୍ଥ ଡେ।'

ମା' ରବିକୁ ଆଁ କରି ଅନେଇଲେ। ବୁଝିପାରୁ ନ ଥିଲେ। ତେଣୁ ରବି ଦୋହରେଇଲା– 'ଆରେ ମା', ଆଜି ମୋର ବାର୍ଥ ଡେ..., ବାର୍ଥ ଡେ ମାନେ ଆଜି ମୋର ଜନ୍ମଦିନ, ବୁଝିଲୁ?'

ମା'ର ଆଖି ଦୁଇଟା ବଡ଼ ହୋଇଗଲା ଓ ମୁହଁଟି ଚକ୍‌ଚକ୍ ଦିଶିଲା। ସେ ସଙ୍ଗେସଙ୍ଗେ ହାତଧୋଇ ସାନପୁଅ, ଯାହାକୁ ସେ ସବୁବେଳେ 'ବାୟା' ବୋଲି ଡାକନ୍ତି, ତାକୁ କୁଣ୍ଢେଇ ପକେଇଲେ ଓ ତା' ଗାଲକୁ ନିଜ ଗାଲରେ ଘଷି ଦେଇ ଖୁବ୍ ଗେଲକଲେ।

ରବି ସଙ୍ଗେସଙ୍ଗେ ମା'କୁ କହିଲା– 'ମା' ତୁ କିଛି ଜାଣିନୁ, ମୋର ବାର୍ଥ ଡେ'ଟାକୁ ସେଲିବ୍ରେଟ୍ କରୁନୁ। ହାପି ବାର୍ଥ ଡେ କ'ଣ ଜାଣିନୁ?'

ମା' ପଚାରିଲା– 'ସେଇଟା କ'ଣରେ?'



ରବି କହିଲା– 'ଆରେ କେକ୍ ବନା ହେବ, ତାକୁ ଟେବୁଲ୍ ଉପରେ ରଖି ତା' ଉପରେ କ୍ୟାଣ୍ଡେଲ୍ ରଖାହେବ। ତା'ପରେ ଛୁରିରେ କେକ୍ କଟାହେବ ଓ କ୍ୟାଣ୍ଡେଲ ଫୁଙ୍କି 'ହାପି ବାର୍ଥ ଡେ, ହାପି ବାର୍ଥ ଡେ' ଗାଇବାକୁ ହେବ ଓ ସମସ୍ତଙ୍କୁ ତାଳି ମାରିବାକୁ ପଡ଼ିବ, ବୁଝିଲୁ?'

ମା' କହିଲା– 'ଆରେ ମୁଁ ସେଗୁଡ଼ା କିଛି ଜାଣିନି, କ'ଣ ତୁ ହାପି ହାପି ଗାଉଛୁ?'

ରବି ମା' ଉପରେ ଖୁବ୍ ରାଗିଲା ଓ କହିଲା– 'ହଉ ମା', ମୁଁ ଯାଉଛି ମୋ' ହାଇସ୍କୁଲ ସାଙ୍ଗ ଜୟନ୍ତ ଓ ଅନ୍ୟମାନଙ୍କ ଘରକୁ।'

ରବି ଜୟରାମପୁର ହାଇସ୍କୁଲରେ ମାଟ୍ରିକ୍ ପଢ଼ିଥିଲା। ଯେତେବେଳେ କଲେଜରୁ ଛୁଟିନେଇ ଗାଁକୁ ଆସେ, ସବୁବେଳେ ତା' ସ୍କୁଲ ସାଙ୍ଗମାନଙ୍କ ଗାଁକୁ ଯାଏ ଓ ତାଙ୍କୁ ଭେଟେ।

ରବିର ସାଙ୍ଗ ଜୟନ୍ତର ଘର ଜୟରାମପୁରଠୁଁ ଟିକେ ଦୂରରେ, ଗାଁର ନାଁ କଞ୍ଚନଗଡ଼ିଆ। ରବିର ଗାଁଠୁଁ ସେଠିକି ଦୂର ପ୍ରାୟ ଚାରି କିଲୋମିଟର। ରବି ଚାଲିଚାଲି ପହଞ୍ଚିଗଲା ଜୟନ୍ତର ଗାଁରେ। ଜୟନ୍ତର ବାପା ଓ ମା' ରବିକୁ ଦେଖି ଖୁସି ହୋଇଗଲେ। ରବିକୁ ସେମାନେ ସ୍କୁଲରେ ପଢୁଥିଲାବେଳଠୁଁ ଜୟନ୍ତର ମା' ରବିର ନାଁକୁ ବଦଳାଇ ତାକୁ 'ବୁଲା' ବୋଲି ଡାକୁଥିଲେ। ସାଙ୍ଗ ଜୟନ୍ତ ସହିତ ସେ ବୁଲାବୁଲି କରି ସମସ୍ତଙ୍କ ବନ୍ଧୁ ଜଟିଆ, ଅସିତ୍, ରାମକୃଷ୍ଣ, ଧନଞ୍ଜୟ, ବଟିକା ଓ ଛୋଟାଙ୍କ ଘରକୁ ଯାଇ କଥାବାର୍ତ୍ତା, ପାଠପଢ଼ା ଓ ଅନ୍ୟାନ୍ୟ କଥାରେ ମଜ୍ଜିଗଲା। ଖରାବେଳେ ଜୟନ୍ତ ଘରେ ଭାତଖାଇ ବୁଲାବୁଲି କରି ପ୍ରାୟ ସନ୍ଧ୍ୟା ହୋଇଗଲା ଓ ତରତର ହୋଇ ଜୟନ୍ତ ଗୋଟିଏ ସାଇକେଲରେ ସାଙ୍ଗକୁ ଆଣି ରବିକୁ ତା'ଘରେ ପହଞ୍ଚାଇ ଦେଇ ଫେରିଗଲା ନିଜ ଗାଁକୁ।

ଏବେ ସନ୍ଧ୍ୟା ହୋଇଯାଇଛି। ରବିର ଗାଁ ଘରେ ବିଜୁଳି କଟିଯାଇଛି, ସବୁଆଡ଼େ ଅନ୍ଧାର। ଦେଖିଲା ଘରର କବାଟଟି ବନ୍ଦ ଅଛି ଓ ସେଇଠି ବାହାରେ ମା' ବସିଛି। ରବି ଭାବିଲା, ଏତେ ଡେରି ହେଲାଣି, ମା'ବୋଧେ ତାକୁ ଅପେକ୍ଷା କରିଛି।

ମା' ରବିକୁ ଦେଖି କହିଲା– 'ଆରେ ତୋର ଏତେ ଡେରି, ରହ ରହ ତୁ ଆଖି ବନ୍ଦକର ଓ ମୁଁ କବାଟ ଖୋଲୁଛି, ତୁ ଘର ଭିତରକୁ ଆ।' ରବି ମା' କଥା ମାନି କବାଟ ଖୋଲିଲା ପରେ ଘର ଭିତରକୁ ଗଲା ଓ ଦେଖିଲା ଛୋଟ ଏକ ଟୁଲ୍ ଉପରେ ଗୋଟିଏ ଥାଳିରେ ଗୋଲ୍ ମଣ୍ଡାପିଠାଟିଏ ଥୁଆ ହୋଇଛି ଓ ପାଖରେ ଗୋଟିଏ ଦୀପ ଜଳୁଛି। ମା' ତା'ର ସଙ୍ଗେସଙ୍ଗେ ଛୁରିଟେ ଦେଲା ରବିକୁ ଓ କହିଲା, 'ଏବେ ତୁ କେକ୍ କାଟ୍' ଏବଂ ଗାଇଲା– 'ହାପି ବାର୍ଥ ଡେ ଟୁ ୟୁ'। ମା'ର ଆଖି ଚକ୍‌ଚକ୍ ଦିଶୁଥିଲା ଓ ତା' ମୁହଁରେ ଖୁସିର ଲହର।

ରବିର ଆଖି ଦି'ଟା ବଡ଼ବଡ଼ ହୋଇ ଧୀରେଧୀରେ ଛୋଟ ହୋଇଗଲା। ତା' ଆଖିରେ ଲୁହ ଆସିଗଲା ଓ ସେ ଛୁରିରେ କେକ୍ କାଟି ଆଗ ତା' ମା' ପାଟିରେ ଦେଲା ଓ କୁଣ୍ଢାଇ ଧରି ଭେଁଭେଁ କାନ୍ଦି ଉଠିଲା।

– ଭି.ଆଇ.ପି.-୫୩, ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର

# ଶାନ୍ତି ପଦଯାତ୍ରା

ଅନୁବାଦ ଗଳ୍ପ

ମୂଳ ଲେଖା: କୃଷ୍ଣ କୁମାର ଉପାଧ୍ୟାୟ

ଅନୁସୃଜନ: ବିନୟ କୁମାର ଦାସ

ଗୋଟିକ ପରେ ଗୋଟିଏ ଆତଙ୍କବାଦୀ ଘଟଣା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିଲା। ତହୁଁ ସହରର ଶାନ୍ତି କମିଟି ନିଷ୍ପତ୍ତି ଗ୍ରହଣ କଲାଯେ, ଆତଙ୍କବାଦ ବିରୁଦ୍ଧରେ ଏକ ଶାନ୍ତି ପଦଯାତ୍ରା କରାଯିବ। ଏହାଦ୍ୱାରା ଜନ ସଚେତନତା ବି ହେବ, ଆଉ ପ୍ରଶାସନ ବି ସଜାଗ ରହିବ।

ପ୍ରସ୍ତାବଟି ସର୍ବସମ୍ମତକ୍ରମେ ଅନୁମୋଦିତ ହେବାରୁ ସମସ୍ତେ ଖୁସି ହେଲେ।

ଦିନ ବାର ଧାର୍ଯ୍ୟ ହେଲା। ସବୁ ବିହିତ ଆଉ ଆନୁଷଙ୍ଗିକ ବ୍ୟବସ୍ଥା ବି କରାଗଲା। ଯଥାବିଧି ଆଇନଗତ ଅନୁମତି ଅଣାଗଲା। କିନ୍ତୁ ମୁଖିଆମାନେ ଏକ ଆଶଙ୍କା ପ୍ରକଟ କଲେ। ସେମାନେ ନିଜ ଅନୁଭୂତିରୁ କହିଲେଯେ, ଏ ଶାନ୍ତି ପଦଯାତ୍ରାରେ ବେଶୀ ସଂଖ୍ୟକ ଲୋକ ସାମିଲ ହେବେନି। କାହାର ଏମିତି କି ଗରଜ ପଡ଼ିଚି ଯେ ସାରାଦିନ ସବୁ କାମ ମାରା କରି ଏ ଫାଲ୍‌ତୁ କାମରେ ନିଜକୁ ସାମିଲ କରିବ... କ'ଣ ବା ଲାଭ ମିଳିବ ଏଥିରୁ?

ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ, ଯଦି ସେମିତି ସତରେ ହୁଏ, ତେବେ ସବୁ ପରିଶ୍ରମ ଆଉ ଆୟୋଜନ ବ୍ୟର୍ଥ ହୋଇଯିବ। ଭବିଷ୍ୟତରେ ଆଉ କିଛି କାର୍ଯ୍ୟକ୍ରମରେ ଲୋକେ ଜମା ସାମିଲ ହେବେନି। ସମସ୍ତେ ଚିନ୍ତାରେ ପଡ଼ିଗଲେ।

ଏମିତି ବେଳରେ ଜଣେ ସଭ୍ୟ ଗୋଟେ ପ୍ରସ୍ତାବ ଦେବାକୁ ଚାହିଁଲେ। ସମସ୍ତେ ଉଦ୍‌ଗ୍ରୀବ ହୋଇ ଚାହିଁ ରହିଲେ ତାଙ୍କୁ।

ସେ କହିଲେ– ଆମେ ଆମ ପଦଯାତ୍ରାରେ ପୂରା ସଡ଼କକୁ କଭର କରିଚାଲିବା। ଆମ ଭିତରୁ କିଛି ଲୋକ ଠେଙ୍ଗା ଧରି ରାସ୍ତାର ଉଭୟ ପାଖରେ ଚାଲିବେ। ସେମାନଙ୍କର ଦାୟିତ୍ୱ ହେଲା ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଜନତା କେହି ଜଣେ ବି ଆମ ପଦଯାତ୍ରାକୁ ଟପି ଆଗକୁ ଯାଇପାରିବ ନାହିଁ। ସେମାନେ ଏତିକି କାମ ଅବଶ୍ୟ କରିବେ। ଭଲରେ ଭଲରେ ନ ହେଲେ ଠେଙ୍ଗା ଦ୍ୱାରା ହୋଇପାରିବ। ମୁଁ ଭାବୁଚି ଏମିତି ହେଲେ ଭିଡ଼ ଜମିଯିବ, ଆଉ ଆମ ପଦଯାତ୍ରା ସଫଳ ହୋଇପାରିବ।

ଏ ପ୍ରସ୍ତାବରେ ସମସ୍ତେ ରାଜି ହେଲେ।

ମିଡିଆବାଲାଙ୍କୁ ଖବର ଦିଆଗଲା। ତଦନୁସାରେ ଆରମ୍ଭ ହେଲା ଶାନ୍ତି ପଦଯାତ୍ରା। ସଫଳ ହେଲା... ଭଲ କଭରେଜ୍ ବି ମିଳିଲା।



# କବିତା

## ମୃତ୍ୟୁ ଓ ମୁକ୍ତି

### ହରେକୃଷ୍ଣ ଦାସ

**ମୋ’** ଜାତକର
ସପ୍ତମରେ କିଏ ମୁଁ ଜାଣେ, ଏବଂ
ଏକଥା ବି ଅବଶ୍ୟ ଜାଣେଯେ
ଅଷ୍ଟମରେ ମୋର ମୃତ୍ୟୁ ;
ମୃତ୍ୟୁ– ଯିଏ କାଳେ ଏକାନ୍ତ ନିଜର
ଯା’ ଉପରେ ନିର୍ବିରୋଧ ଅଧିକାର ମୋର।

ଅନେକ ସର୍ତ୍ତରେ ସାମିଲ କରି ନିଜକୁ
ବହୁତ ହେଇଗଲା ଏ ଜୀବନ
ସର୍ତ୍ତରେ ଭଲପାଇବା, ସ୍ନେହ ସୋହାଗର
ରଙ୍ଗ ମାଖିବା
କୋଉ ଗ୍ରହଚଳନରୁ, ମୁଁ ବୁଝେନା ;
ନିଜର ବୋଲି ଦାବି କରୁଥିବା ସମସ୍ତେ
କ’ଣ ଅଷ୍ଟମରେ ମୋର ମିତ୍ର ?

ଅନ୍ୟମନସ୍କ ପାଦ
ଆଗକୁ ବଢ଼ିଲା ବେଳକୁ
କିଏ ମତେ ଟାଣି ଧରୁଛି ବାରମ୍ବାର ?
ସବୁ ଗ୍ରହଙ୍କୁ ମୋହାଛନ୍ନ କରି
ଚୁପ୍‌ଚାପ୍ ଖସିଯିବାକୁ ହେବ।
ଦ୍ୱାଦଶରେ, ଯିଏ ପହରା ଦେଉଛି ଦେଉ
ନିଜ ସହ ଭେଟ ହେଇଗଲେ
ଗୌତମରୁ ବୁଦ୍ଧ ପାଲଟିବା
ବେଶୀ ଦୂର ନୁହେଁ।

ଦୁଃଖ ସହି ନିର୍ବିକାର ପଡ଼ିରହିବାଠୁଁ
ନିର୍ବିକାର ପାଲଟିଯାଇ
ଦୁଃଖ ନ ଭୋଗିବା
ଶ୍ରେୟସ୍କର ନିଶ୍ଚୟ।
ଖୁବ୍ ଅଥୟ ହେଲେ, ରାତିର ଛାତି ବିଦାରି
କେଉଁ ନା କେଉଁ ମୁହୂର୍ତ୍ତରେ
ଆକାଶକୁ କୁଦି ପଡ଼ିବ ସୂର୍ଯ୍ୟ ;
ଚହଲା ପାଣିରେ ମୁହଁ ଦେଖୁଦେଖୁ
ଖୋଲିଯିବ ମୁକ୍ତିର ଦ୍ୱାର।

ସ୍ୱପ୍ନ ଭାଙ୍ଗି
ଲାଭକ୍ଷତିର ହିସାବ କରୁକରୁ
ଅନ୍ଧାର କୋଳରେ
ଅବଶ ହେବ ଦେହ।

ଏତେ ଜ୍ଞାନରେ କିଛି ନାହିଁରେ ବେଣୁଧର !
ତୁ’ କେବଳ ପ୍ରଶାନ୍ତିର ବାଟ କହ।
ବୁଦ୍ଧ ନ ହେଲେ ନାହିଁ
ଦ୍ୱାଦଶ ଘର କିଳି
ନିରଞ୍ଜନାରେ ଲମ୍ଫ ଦେବାକୁ
ମୁଁ ସମ୍ମତ।

– ଅଧ୍ୟାପକ, ଇଂରାଜୀ ବିଭାଗ, ନିଆଳି
କଲେଜ, କଟକ

## ତୁ ଆଉ ମୁଁ

### କେଦାର ମିଶ୍ର

**ଏ**ଇ ମୁଠାଏ ପାଉଁଶ।

ଏ ତୋର ନୀଳ ଅରଣ୍ୟର
ପାପୁଲିଏ କୁହୁଡ଼ି।

ଏଇ ତୁ, ଏଇ ମୁଁ।

ଏଇ ସେ ପୋଡ଼ିଯାଇଥିବା କାଠର
ପାଉଁଶିଆ ଜୀବନ।
ଏଇ ସେ ସୁନା ତରଳି ତିଆରି ହୋଇଥିବା
ଆମ ପ୍ରେମର ଉଦୟାଚଳ।
ଏଇ ଝରଣାର ସୋରାଏ ଗୀତ।
ଏଇ ତୋର ବେଣୀ ତଳେ ଫୁଟୁଥିବା
ମଧୁମାଳତିର ନିଃଶ୍ୱାସ।
ଏଇ ତୋର ଆଖିର କବିତାମୟୀ କଜ୍ଜଳ।

ଏଇ ତୁ, ଏଇ ମୁଁ।

ଏଇ ଆମର ତିନୋଟି ମହାଦେଶର ଦୂରତା,
ଏଇ ଆମର ଅଭେଦ୍ୟ ନିବିଡ଼ତାର ଆଶ୍ଚର୍ଯ୍ୟ
ଶୃଙ୍ଗାର।
ଏଇ କୋଣାର୍କ।
ଏଇ ଗଜଲରୁ ଝରି ପଡ଼ିଥିବା
ପଦେ ମୁଲାଏମ ବିଷାଦ।
ଏଇ ସାନ ଘାଗରାରେ ତୁ ଉଠେଇଥିବା ଖୋଜିଲା
ଆଖିର ଫଟୋଗ୍ରାଫ୍।

ଏଇ ତୁ, ଏଇ ମୁଁ।

ଏଇ ଆମର କାହାଣୀ ଭିତରେ
ମିଠା ଆମ୍ବର ସୁଆଦ।
ଏଇ ଆମର ଛାତିରେ ଛାତି ମିଶି ଚମକୁଥିବା
ଜ୍ୱାଳାମୁଖୀର ଲାଭା।

ଏଇ ତୁ, ଏଇ ମୁଁ।

ଏଇ ଆମର ମୋକ୍ଷ।
ଏଇ ଆମର ସେଇ ସହର, ଯେଉଁ ସହରରେ
ଫୁଲ ହୋଇ ଫୁଟୁଥାଏ ଆମର ଉନ୍ମାଦନା।
ଏଇ ସହରରେ ଦୁଇଟି ଅଦ୍ଭୁତ ଅଶରୀରୀ।

ଏଇ ତୁ, ଏଇ ମୁଁ।

– ବିନୋଦିନୀ ନିବାସ, ୨୬୫/୧୭୩୬ଏ,
ଶାସ୍ତ୍ରୀନଗର, ୟୁନିଟ୍–୪, ଭୁବନେଶ୍ୱର

## କବି ଚାତୁରୀ

### ଗୋପୀନାଥ ବାଗ

**କ**ବି କ’ଣ ନ କରିପାରେ ?

ପଙ୍କରେ କାହିଁକି
ପେଟରେ ଫୁଟାଇପାରେ ପଦ୍ମ
ସେହି ପଦ୍ମରେ କିଏ ହସି ହସି
ଉଭା ହୋଇପାରେ।

କବି ଚାହିଁଲେ ଦୁଇ ଗୋଡ଼ିଆର ଦେହରେ
ଖଞ୍ଜି ଦେଇପାରେ ଚାରୋଟି, ଛଅଟି, ଦଶଟି
ଯେତେ ଇଚ୍ଛା ସେତୋଟି ମୁଣ୍ଡ
କଟାମୁଣ୍ଡକୁ ବି କୁହାଇପାରେ କଥା
ଜଣଙ୍କର ଗଣ୍ଡିରେ ଯୋଡ଼ି ଦେଇପାରେ
ଭିନ୍ନ ପ୍ରାଣୀର ମଥା।

ନ ଖାଇ, ନ ପିଇ, ନ ଶୋଇ ବଞ୍ଚି ରହିହେବ
ହଜାର ହଜାର ବର୍ଷ
କବି ଚାହିଁଲେ
ସମୁଦ୍ରେ ପାଣି ଜଣେ ଚଳୁ କରିଦେବ
ସୂର୍ଯ୍ୟକୁ ଅନାୟାସରେ ଗିଳି ଦେବ।

ପାହାଡ଼କୁ ଉଠାଯାଇଥାଏ ଖେଳଣା ପରି
ନିଆଁ ଭିତରୁ ଖିଲ୍‌ଖିଲେଇ ଉଠେ ସୁନ୍ଦରୀ
ପୁରୁଷର ଖାଲି କ’ଣ ଗର୍ଭ ସଞ୍ଚାର
ଦେହସାରା ଫୁଟି ଦିଶେ ସହସ୍ର ଯୋନି
ନାକ କାନରୁ ସନ୍ତାନ ଜନ୍ମେ
ସବୁ ଅସମ୍ଭବ ସମ୍ଭବ ହୋଇପାରେ ଅନାୟାସରେ
କବି ଚାହିଁଲେ କ’ଣ ଘଟି ନ ପାରେ ?

ବାଃ କବି ବାଃ, ଧନ୍ୟ ଧନ୍ୟ କବି ଚାତୁରୀ
କୌତୁକିଆ କଥା କଳ୍ପନା
ଲକ୍ଷେ ସତ ଠୁଁ ଉଜ୍ଜ୍ୱଳ ଭାରି।

**ଓଡ଼ିଆ ବିଭାଗ,**
**ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର,**
**ସମ୍ବଲପୁର**

## ନିରୁଦ୍ଦିଷ୍ଟ

### ସଂଜୀବ କୁମାର ପଣ୍ଡା

**ସ**ନିଆ ମା’ ପୁଣି ଫେରିଛି କାମକୁ

ଦେହକୁ କନା
ପାଟିକୁ ଦି’ ମୁଠା ଦାନା ପାଇଁ
ରକ୍ତକୁ ପାଣି କରି
ମୁଣ୍ଡ ଝାଳ ତୁଣ୍ଡେ ମାରି
ଯନ୍ତ୍ରଣା ସବୁକୁ ପଣତ କାନିରେ ଗଣ୍ଠି ପକେଇ
ସେ ବୁଲିଛି ବାର ଦୁଆର
ସନିଆ ପାଠ ଦି’ ଅକ୍ଷର ପଢୁ ବୋଲି।

ଅଫିସ୍‌ରେ ବାବୁମାନଙ୍କୁ ଦେଖି
କେତେ କ’ଣ ସପନ ଦେଖିଛି
ପୁଅ ତା’ ସାହେବ ହେବ
କଷଣର କଷାଘାତରୁ ମୁକ୍ତ କରିବ
ତାକୁ ଆଉ ଯିବାକୁ ପଡ଼ିବନି କାମକୁ।

ବାତ୍ୟାରେ ସବୁ ଉଡ଼ିଗଲା ପରି
ତା’ ସବୁ ସ୍ୱପ୍ନ ଉଡ଼ିଗଲେ ପର କରି।
ମାଟିରୁ ଆକାଶକୁ ଯାଇ ତାରା ବନିଥିବା
ଉପଗ୍ରହ କି ଫେରେ ଏ ମାଟିକୁ,
ନା ପଞ୍ଜୁରିରୁ ଚମ୍ପଟ ମାରିଥିବା ପକ୍ଷୀ
ଲେଉଟେ ତା’ ପଞ୍ଜୁରିକୁ!
ଆଜି ଡେଣା ଗଜୁରିଲା ବୋଲି
ସନିଆ ଉଡ଼ିଗଲା ଦିଗନ୍ତ ସେପାରି
କେଉଁ ଲୁଗାକଳର ଦେଶ ଯେ
ଫେରିବାର ନାଁ ଧରୁନି।

କାମ ପାଇଁ ଆଗତୁରା ଆଣିଥିବା ଟଙ୍କା
ଶୁଝିବ ବୋଲି
ସନିଆମା’ ପୁଣି ଫେରିଛି କାମକୁ।

**ହାରାମାଲ, କଲମପୁର, କଳାହାଣ୍ଡି**

## ଗୀତି–କବିତା

## ଜୀବନର ଗୁଡ଼ି

### ରମେଶ ମଙ୍ଗରାଜ

**ଜୀ**ବନର ଗୁଡ଼ି ଯାଏ ଉଡ଼ି ଉଡ଼ି
ଆଶାର ଆକାଶ ଛୁଇଁ
ଭାଗ୍ୟ ଡୋରିରେ ଗୁଡ଼ି ଉଡୁଥାଏ
ତୁମକୁ ପାଇବା ପାଇଁ।

ସମୟ ନଟେଇ ଗୁଡ଼େଇ ରଖିଛି
ଭାଗ୍ୟ ସୂତାର ଖିଅ
କେବେ ଖୋଲିଦିଏ କେବେ ଟାଣିନିଏ
ଖେଳ ଚାଲେ ଅହରହ
ଜୀବନ ଗୁଡ଼ିଟି ସ୍ୱପ୍ନ ଦେଖୁଥାଏ
ଜଞ୍ଜାଳରେ ଛନ୍ଦି ହୋଇ।
ଜୀବନର ଗୁଡ଼ି...

ଯେଉଁଦିନ ଏଇ ଜୀବନ ଗୁଡ଼ିର
ତମ ସହ ଭେଟ ହେବ
ହୁଏତ ସେଦିନ ସମ୍ପର୍କର ମୋଡ଼
ଭିନ୍ନ ବାଟ ଖୋଲି ଦେବ
ଦୁଇଟି ମନର ଆବେଗ ସାଉଁଟି
ଝରିଯିବ ପ୍ରୀତିନଈ।
ଜୀବନର ଗୁଡ଼ି...

**କବି ଓ କବିତା ଭବନ,**
**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**




# କଳ୍ପନା ଯେବେ ଶବ୍ଦ ରୂପ ନେଇ ଝରେ...



କୃଷ୍ଣା ମିଶ୍ର

**କୃଷ୍ଣା ମିଶ୍ରଙ୍କ ଜନ୍ମ ରାଉରକେଲାରେ। ପଦାର୍ଥ ବିଜ୍ଞାନ, ଗଣିତ ଏବଂ ଇଂଲିଶ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ କୃଷ୍ଣା ବର୍ତ୍ତମାନ ଓ.ପି. ଜିନ୍ଦଲ ବିଦ୍ୟାଳୟ, ରାୟଗଡ଼, ଛତିଶଗଡ଼ରେ ଜଣେ ବରିଷ୍ଠ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତା। ବିଜ୍ଞାନର ଛାତ୍ରୀ ହେଲେ ବି ଭାଷା ସାହିତ୍ୟ ପ୍ରତି ରୁଚି ଯୋଗୁ ଓଡ଼ିଆ କବିତା, ଗଳ୍ପ, ଏପରିକି ଅନୁବାଦରେ ସୃଜନମନା...**

ମା' କହୁଥିଲେ, ମୁଁ କୁଆଡ଼େ ପିଲା ଦିନରୁ ଭାବପ୍ରବଣା। ମୋ' ଭାବନାତ୍ମକ ମନର କଳ୍ପନା ରାଇଜରେ ଅନେକ କଥା ପ୍ରଶ୍ନବାଚୀ ହୋଇ ଉଠେ। ରୁଢ଼ିବାଦୀ ପରିବାରର ଝିଅ ହୋଇଥିବାରୁ ସେ ସମସ୍ତ ଭାବନାକୁ କାହା ସମ୍ମୁଖରେ ପ୍ରକାଶ କରିପାରେ ନାହିଁ। ତେଣୁ ମୋର ସାଥୀ ଥାଏ କଲମ ଓ କାଗଜ। ଯାହା ଭାବୁଥାଏ, ବୁଝୁଥାଏ, ଲେଖି ଯାଉଥାଏ। ଯେତେବେଳେ ମୋ' ବୟସ ବାର କି ତେର, ପ୍ରଥମ କବିତା ମୁଁ ଲେଖିଲି 'ଗୋଲାପ'। ବାପା ଜାଣିଲେ ବିରକ୍ତ ହେବେ ବୋଲି ଭୟରେ ଲୁଚାଇ ରଖିଲି। ହେଲେ ମୋ' ସାନ ଭଉଣୀ ତା'କୁ ନେଇ ଉଚ୍ଚ ସ୍ୱରରେ ପଢ଼ିବାକୁ ଲାଗିଲା। ଲଜ୍ଜା ଏବଂ ଭୟରେ, ତା' ହାତରୁ ଟାଣି ଆଣି ଚିରିଦେଲି ମୁଁ। ଏମିତି ଅନେକ ଲେଖା ମୁଁ ଲେଖି, ନିଜ ହାତରେ ଚିରିଦେଇଛି।

ଥରେ କଲେଜରେ କବିତା ଲେଖା ପ୍ରତିଯୋଗିତାରେ 'ଚିକିମିକି ଜୁଲୁଜୁଲୁ' କବିତାଟି ଲେଖି ପୁରସ୍କୃତ ହୋଇଥିଲି। ଏମିତି ଲେଖୁଲେଖୁ ଅନେକ କବିତା ଲେଖିଥାଏ। କିନ୍ତୁ ସେଗୁଡ଼ିକୁ ଯେ ଲୋକେ ପସନ୍ଦ କରିବେ, ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥାଏ। ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗରେ ଛାତ୍ର ପ୍ରତିନିଧି ହୋଇ, ବିଭାଗୀୟ ପତ୍ରିକା 'ସପ୍ତବର୍ଣ୍ଣା'ର ସମ୍ପାଦକ ହେଲି। ପ୍ରଶିକ୍ଷଣ ମହାବିଦ୍ୟାଳୟର ପତ୍ରିକା 'ପ୍ରଜ୍ଞାଲୋକ'ରେ ମୋ କବିତା 'ବିଡ଼ମ୍ବନା' ଯେବେ ପ୍ରକାଶ ପାଇଲା, ସହପାଠୀମାନେ ମୋତେ ପ୍ରଶ୍ନିଳ ଦୃଷ୍ଟିରେ ଅନାଇ ରହିଲେ। ଏକ ସାଧାରଣ, ଶାନ୍ତ, ସ୍ୱଳ୍ପଭାଷୀ ଝିଅ ମନରେ ଏଭଳି ଚିନ୍ତାଧାରା! ବିଶ୍ୱାସ କରି ପାରୁ ନ ଥିଲେ ମଧ୍ୟ ଅଭିନନ୍ଦନ ଜଣାଇଲେ। ମନେମନେ ଖୁବ୍ ଆନନ୍ଦିତ ହେଲି। କିନ୍ତୁ କିଛି ଦିନ ପରେ କର୍ମମୟ ଜୀବନ ଭିତରେ ସବୁ ପୁଣି ଭୁଲିଗଲି।

ଲେଖାଲେଖି ବନ୍ଦ କରି ନ ଥାଏ। ରାଉରକେଲା ଘରର ଆଖପାଖରେ ଥିବା ପିଚୁରାସ୍ତା, ଛୋଟବଡ଼ ଅନେକ ଗଛର ପବନ ଆଉ ସାଥିରେ ଆଣିଥିବା ମଧୁମାଳତୀ, ଗୋଲାପ ଭଳି ଅନେକ ସୁବାସିତ ଫୁଲର ବାସ୍ନା ମୋ' ମନକୁ ଉଦ୍‌ବେଳିତ କରୁଥାଏ। ବେଳେବେଳେ ସମାଜର ଅବହେଳା ଓ କୁସଂସ୍କାର ବିରୋଧରେ ଆତ୍ମା ମୋର ବିଦ୍ରୋହ କରି ଉଠେ। ମୁଁ ଲେଖିଚାଲେ କବିତା...

ଥରେ ମୋ' ଭାଇ, ମୋର କିଛି ଲେଖାକୁ ନେଇ ସ୍ଥାନୀୟ ଏକ ଖବରକାଗଜ କାର୍ଯ୍ୟାଳୟରେ ଦେଇଆସିଲା। ହଠାତ୍ ଦିନେ ମୋର 'ନାରୀ' କବିତାଟି ସେହି କାଗଜର ପୃଷ୍ଠା ମଣ୍ଡନ କରିଥିବା ଦେଖି ମୋ' ଅନ୍ତରରେ ଯେଉଁ ଖୁସିର ଲହରି ଉଠିଥିଲା, ତା'କୁ ଶବ୍ଦରେ ବର୍ଣ୍ଣନା କରାଯାଇ ପାରେନା। ଲେଖାଟି ପଢ଼ି ଅନେକ ଜଣାଅଜଣା ପାଠକ ମୋତେ ଅଭିବାଦନ ଜଣାଇଥିଲେ। ସେଇଦିନଠାରୁ ମୋ' ମନରେ ସାହସ ଓ ଆତ୍ମବିଶ୍ୱାସ ଜାଗ୍ରତ ହେଲା। ମୁଁ ଲେଖି ଚାଲିଲି ଆଉ ଆଉ କବିତା। ପାଠକଙ୍କ ପ୍ରେରଣାରେ ମୋର ପ୍ରଥମ କବିତା ସଂକଳନ 'ତୁମ ସ୍ମୃତି' ପ୍ରକାଶିତ। ଆଶା, ଏହା ମଧ୍ୟ ପାଠକଙ୍କ ଦ୍ୱାରା ଆଦୃତ ହେବ।



## ପୁସ୍ତକ ପରିଚୟ

### ଅଶ୍ୱିନୀ କୁମାରଙ୍କ ଶେଷଦିନ


**ଲେଖକ: ନୀଳାଦ୍ରି ଭୂଷଣ ହରିଚନ୍ଦନ**
**ପ୍ରକାଶକ: ବିଜୟିନୀ ପବ୍ଲିକେଶନ୍ସ, କଟକ-୧୨**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୨୦୦/-**




ପାଞ୍ଚଟି ପୂର୍ଣ୍ଣାଙ୍ଗ ନାଟକ (ଅଶ୍ୱିନୀ କୁମାରଙ୍କ ଶେଷଦିନ, ଯେ ଫୁଲ କୀଟଦଷ୍ଟ, ଛାୟାଚନ୍ଦ୍ରିକାଙ୍କ ପ୍ରତିମୂର୍ତ୍ତି, ଦେବୀପୀଠ ଓ ଚନ୍ଦ୍ରାଲୋକେ ଭୀମସେନ)ର ସମାହାର ହେଉଛି 'ଅଶ୍ୱିନୀ କୁମାରଙ୍କ ଶେଷଦିନ'। 'ପ୍ରସ୍ତାବନା'ରେ ଲେଖକ ଲେଖିଛନ୍ତି: ''ନାଟକଗୁଡ଼ିକ ବକ୍ତବ୍ୟ ଓ ଶୈଳୀରେ ପରସ୍ପରଠାରୁ ଭିନ୍ନ ଓ ପ୍ରଭାବଶାଳୀ।'' ''ଅଶ୍ୱିନୀ କୁମାରଙ୍କ ଶେଷଦିନ''ରେ ଅଶ୍ୱିନୀ କୁମାରଙ୍କ ତ୍ୟାଗ ଓ ଶେଷ ଜୀବନର ଅସହାୟତା ବର୍ଣ୍ଣିତ ହୋଇଥିବା ବେଳେ 'ଯେ ଫୁଲ କୀଟଦଷ୍ଟ'ରେ ଜଣେ ସଂଗ୍ରାମୀ ନାରୀର ବଞ୍ଚନା, 'ଛାୟାଚନ୍ଦ୍ରିକାଙ୍କ ପ୍ରତିମୂର୍ତ୍ତି'ରେ ଶାସକୀୟ ସ୍ୱେଚ୍ଛାଚାରିତା, 'ଦେବୀପୀଠ'ରେ ଧର୍ମୀୟ ଶୋଷଣ ଓ ପ୍ରତାରଣା ଏବଂ 'ଚନ୍ଦ୍ରାଲୋକେ ଭୀମସେନ'ରେ ମହାଭାରତୀୟ ଭୀମଚରିତ୍ରରେ ଆଧୁନିକ ଜୀବନବୋଧର ସନ୍ଧାନ ପ୍ରତିଫଳିତ ହୋଇଛି। ପ୍ରସଙ୍ଗର ଯଥାଯଥ ଉପସ୍ଥାପନ, ଚରିତ୍ରଧର୍ମୀ ସଂଳାପ ସଂରଚନା, ମଞ୍ଚକୌଶଳର ସଠିକ୍ ଉପଯୋଗ ଆଦି ଦୃଷ୍ଟିରୁ ନାଟକଗୁଡ଼ିକ ପାଠକ ତଥା ଦର୍ଶକମାନଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ଆଶା। 'ଚନ୍ଦ୍ରାଲୋକେ ଭୀମସେନ'ର ପରିଣତିରେ ଭୀମ ମୁଖରେ ଧର୍ମରାଜ ଯୁଧିଷ୍ଠିରଙ୍କ ସମ୍ପର୍କରେ ଯେଉଁ ଉଚ୍ଚାରଣ ନାଟ୍ୟକାର ବିଧାନ କରିଛନ୍ତି, ତାହା କ୍ଲାସିକ୍ ସ୍ତରୀୟ ହୋଇପାରିଛି।

### ଧର୍ମପତ୍ନୀଙ୍କ ଧର୍ମଘଟ


**ଲେଖକ: ପୀତବାସ ରାଉତରାୟ**
**ପ୍ରକାଶକ: ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୭୦/-**




ମୋଟ ୨୨ଟି ବ୍ୟଙ୍ଗଗଳ୍ପରେ ସମୃଦ୍ଧ ପୀତବାସଙ୍କର ଏ ବହିଟି, ଯାହାର ପ୍ରଥମ ଗଳ୍ପକୁ ଲେଖକ ବହିର ଶୀର୍ଷକ କରିଛନ୍ତି। ପୁସ୍ତକ ଆରମ୍ଭରେ ''ଧର୍ମକୁ ସାକ୍ଷୀ ରଖି'' ଶୀର୍ଷକରେ ସେ କିପରି ବ୍ୟଙ୍ଗଗଳ୍ପ ପ୍ରତି ପିଲାଟି ଦିନରୁ ଆକୃଷ୍ଟ ହେଲେ, ତାହା ଦର୍ଶାଇଛନ୍ତି। 'ବ୍ରହ୍ମବିଳାପ', 'ଗଣତନ୍ତ୍ରୀ ଚେଙ୍ଗ', 'ତୋ' ଲାଗି ପୁରସ୍କାର ମନାରେ ଲେଖକ ସୁନା', 'ଆଦିକବି ଲିଟ୍-ଫେଷ୍ଟ', 'ଚାଲ ଗଢ଼ିବା ନୂଆ ଦଳ', 'ଟାଙ୍ଗୁରାମଙ୍କ ଚେଙ୍ଗ' ଓ 'ସମ୍ପାଦକ ବିଳାପ' ପ୍ରଭୃତି ଗଳ୍ପଗୁଡ଼ିକ ପଢ଼ିଲେ ଲେଖକଙ୍କ ମନ ଗହନରେ ଥିବା ରସାଳ ବ୍ୟଙ୍ଗରୂପଟିକୁ ପ୍ରତ୍ୟକ୍ଷ କରିହୁଏ। ଗଳ୍ପଗୁଡ଼ିକରେ ବ୍ୟବହୃତ ଭାଷା ଜନଜୀବନର ଭାଷା ଓ ପ୍ରାୟତଃ ଚରିତ୍ର ଅନୁସାରୀ ହୋଇଥିବାରୁ ଗଳ୍ପଗୁଡ଼ିକ ଯେ ପାଠିକାପାଠକଙ୍କ ମନୋରଞ୍ଜନ କରିବା ସହିତ ଏକ କଲ୍ୟାଣକାରୀ ବାର୍ତ୍ତା ଦେବ, ଏଥିରେ ସନ୍ଦେହ ନାହିଁ। ବ୍ୟକ୍ତିଗତ ଆକ୍ଷେପରୁ ମୁକ୍ତ ବ୍ୟଙ୍ଗଗଳ୍ପ ରଚନା କ୍ଷେତ୍ରରେ ଆଲୋଚ୍ୟ ଗ୍ରନ୍ଥଟି ଏକ ପ୍ରୟୋଜନୀୟ ସଂଯୋଗ।

### ମନୋଜାୟନ

**ମୁଖ୍ୟ ସମ୍ପାଦକ: ଡ. ସାନ୍ତ୍ୱନା ହାଲ୍‌ଦାର**
**ପ୍ରକାଶକ: ମନୋଜାୟନ, ବାଲେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୬୦୦/-**




ଆଲୋଚ୍ୟ ଗ୍ରନ୍ଥଟି ପ୍ରଖ୍ୟାତ ଲେଖକ ମନୋଜ ଦାସଙ୍କ କୃତି ଓ ସାଧନାର ଆକଳନରେ ଋଦ୍ଧିମନ୍ତ ଓ ସାଢ଼େ ଛ'ଶହ ପୃଷ୍ଠା କଳେବର ବିଶିଷ୍ଟ। ସମ୍ପାଦକୀୟରେ ଗ୍ରନ୍ଥର ଅନ୍ୟତମ ସମ୍ପାଦକ ରବିନାରାୟଣ ଦାଶ ଲେଖିଛନ୍ତି: ''ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ଯଦି ଗୋଟିଏ ମାତ୍ର ନାଟକ 'ହ୍ୟାମ୍‌ଲେଟ୍'କୁ ନେଇ 'Hamlet studies' ନାମରେ ଏକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପତ୍ରିକା ଦୀର୍ଘ ପଚିଶ ବର୍ଷ ଧରି ଚଳାଇ ପାରିଲେ, ମନୋଜ ଦାସଙ୍କ ବିପୁଳ ତଥା ଦୁର୍ମୂଲ୍ୟ ସାହିତ୍ୟକୃତି ଅନୁଶୀଳନ ପାଇଁ ଏକ ସାହିତ୍ୟ ଅନୁଷ୍ଠାନ କାହିଁକି କାର୍ଯ୍ୟକ୍ଷମ ହୋଇ ନ ପାରିବ ? ସେଇ ଯୁକ୍ତି ଓ ପ୍ରତିଶ୍ରୁତିକୁ ନେଇ 'ମନୋଜାୟନ' ଠିକ୍ ବର୍ଷକ ତଳେ ଗଠିତ ହୋଇଥିଲା।'' ମନୋଜାୟନ ଅନୁଷ୍ଠାନର ଏ ଆତ୍ମବିଶ୍ୱାସର ସମ୍ଭବତଃ ପ୍ରଥମ ଫଳଶ୍ରୁତି ହେଉଛି ଆଲୋଚ୍ୟ ଗ୍ରନ୍ଥ। ଏଥିରେ ଓଡ଼ିଆରେ ମୋଟ ୨୯ଟି ଓ ଇଂଲିଶ୍‌ରେ ମୋଟ ୨୧ଟି ପ୍ରବନ୍ଧ ସ୍ଥାନ ପାଇଛି। ବହିଟିରେ ଯେଉଁମାନେ ପ୍ରବନ୍ଧ ଲେଖିଛନ୍ତି ମନୋଜ କୈନ୍ଦ୍ରିକ ନାନା ପ୍ରସଙ୍ଗରେ ଏବଂ ଯେଉଁମାନେ ସମ୍ପାଦନାମଣ୍ଡଳୀରେ ଅଛନ୍ତି, ସମସ୍ତେ ମନୋଜ-ସାହିତ୍ୟର ଯେ ଜଣେଜଣେ ଅବଗାହୀ ପାଠିକାପାଠକ-ବହିଟି ପଢ଼ିଲେ ଏପରି ଲାଗେ। ଡ. ମନ୍ମଥ କୁଣ୍ଡୁଙ୍କ ପ୍ରବନ୍ଧ ପରି ଅନେକ ପ୍ରବନ୍ଧ ପଢ଼ିବସିଲେ ମନ ଛାଡ଼େ ନାହିଁ। ଇଂଲିଶ୍‌ରେ ମାନବ ରାଓଙ୍କ ସାକ୍ଷାତ୍‌କାର ପରି ଅନେକ ଲେଖା ଖୁବ୍ ନିଦା। କିନ୍ତୁ ସମସ୍ତ ଲେଖାରେ ମନୋଜଙ୍କ ପ୍ରଶସ୍ତିରେ ଲେଖକମାନେ ଯେପରି ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ମନେହୁଅନ୍ତି, ତାଙ୍କ ଲେଖାର ସମ୍ଭାବ୍ୟ ବିଫଳତା ବା ସୀମିତତା ସନ୍ଧାନରେ ସେପରି ଆଗ୍ରହୀ ଥିବା ମନେହୁଏ ନାହିଁ। ବିଶ୍ୱସ୍ତରୀୟ ଲେଖକଙ୍କ ସହ ମନୋଜଙ୍କ ତୁଳନାର ଆଶାନୁରୂପ ଅଧ୍ୟୟନ ବି ଗ୍ରନ୍ଥରେ କାହିଁ ? ଏହା ସତ୍ତ୍ୱେ ମନୋଜଙ୍କ କୃତି ଓ ବ୍ୟକ୍ତିତ୍ୱର ତର୍ଜମା ଦିଗରେ ବହିଟି ଯେ ଏକ ଅସାଧାରଣ ପ୍ରଚେଷ୍ଟା, ଏଥିରେ ସନ୍ଦେହ ନାହିଁ। ପରବର୍ତ୍ତୀ ମନନ ଓ ଗବେଷଣା ପାଇଁ ବହିଟି ରଖେ ଅନନ୍ୟ ଉପଯୋଗ-କ୍ଷମତା।

### ଆତ୍ମଧ୍ୱନି

**କବି: ଅନ୍ନପୂର୍ଣ୍ଣା ମହାନ୍ତି**
**ପ୍ରକାଶକ: ବନଫୁଲ, କେନ୍ଦ୍ରାପଡ଼ା**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ. ୧୨୫/-**




ମୋଟ ୪୦ଟି କବିତାକୁ ନେଇ 'ଆତ୍ମଧ୍ୱନି'ର ପରିକଳ୍ପନା। 'କବିତା ପାଇଁ ପଦେ'ରେ କବି ଲେଖିଛନ୍ତି: ''କବି ତା' କବିତାର ପଥ ନିଜେ ନିର୍ଦ୍ଧାରଣ କରେ ନାହିଁ। ଯେଉଁ ଆଡ଼କୁ କବିତା ଟାଣେ ଗେହ୍ଲାଝିଅଟେ ପରି ହାତ ଧରି, ସେହିଆଡ଼କୁ କବି ଯାଏ।'' ଅନ୍ନପୂର୍ଣ୍ଣା କବିତା ସମ୍ପର୍କରେ ଦେଇଥିବା ଏଇ ସୂତ୍ରଟିର ହାତ ଧରି କବିତାଗୁଡ଼ିକ ଭିତରକୁ ଗଲେ ତାଙ୍କ ଉକ୍ତିର ସତ୍ୟାସତ୍ୟକୁ ଅନୁଭବ କରିହୁଏ। କବି ତୁଣ୍ଡରୁ ତୁଣ୍ଡ ଘୂରିବୁଲୁଥିବା ଚିତ୍ର ଓ ପ୍ରତୀକକୁ ନିଜ କବିତାରେ ବାଡ଼ି ଟଗରରେ ଠାକୁର ଖଟୁଲି ସଜେଇଲା ପରି ଗୃହିଣୀ ସଜେଇ ଦିଅନ୍ତି। ଯଥା: ''ମାଡ଼ ଭୟରେ ପଢ଼ାପିଲା/ଖସିଗଲା ପରି ଶ୍ରେଣୀରୁ/ ଶବ୍ଦ ଫେରାର୍ ଥାଏ/ଦୁହିଁଙ୍କ ଓଠରୁ। (ସେ ଆସୁଥାଏ, ପୃ:୪୪)। ଅନ୍ୟ ଏକ ଉଦାହରଣ: ''କିଏ ବୁଝେ ଏତେ କଥା/'ପଇସା ଫେକ୍, ତାମସା ଦେଖ୍' ନ୍ୟାୟରେ/ଶୁଣିବା, ଦେଖିବା ଭୁଲିଯିବାର/ଗହଳିରେ ହଜିଯାଏ ସତ୍ୟ।'' (ସତୀ ସଂଜ୍ଞା, ପୃ: ୯୮)। 'ସତୀର ସଂଜ୍ଞା' କବିତାଟିର ପରିଣତିରେ ଅନ୍ନପୂର୍ଣ୍ଣା ଯେଉଁ ପ୍ରଶ୍ନ ଉଠାନ୍ତି, ତାହା ଇଥରରେ ମିଳାଇ ନ ଯାଇ ପ୍ରତିଧ୍ୱନି ତୋଳେ କାଳକାଳକୁ। ପେଟ ପାଇଁ ଦେହ ବିକିଥିବା ଲବଣୀର ପ୍ରତିମା ଆଙ୍କୁଆଙ୍କୁ ସେ କହନ୍ତି: ''କାହାକୁ ନ ଛୁଇଁ ଲବଣୀ/ ତା' ଭୋକ ଦୋଷୀ/ ତା' ଗରିବୀ ଦୋଷୀ/ ତା' ମାଇପି ଦେହ ଦୋଷୀ/ ପୁରୁଷ ତ ପୁରୁଷ/ ତା'ର ଦୋଷ କେଉଁଠି ?'' ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।